ଧରିତ୍ରୀ
DHARITRI
July 28-August 3, 2024 ₹ 2/-
ଧରିତ୍ରୀ 50 Years

# ଛୁଟିଦିନ

# ମାତାପିତା ଓ ସନ୍ତାନ



ଦିନେ ଯୌଥ ପରିବାରର ସ୍ନେହ ଆକଟ ଭିତରେ ବଢୁଥିଲା ପିଲାଟି। ଏବେ କିନ୍ତୁ ପ୍ରାୟ ଏକକ ପରିବାର। ମା’ ବାପା ସନ୍ତାନର ଭବିଷ୍ୟତ ପାଇଁ ସତତ ଯତ୍ନବାନ। ତଥାପି ବି ପିଲା ଆଜି ଏକୁଟିଆ। ତେଣୁ ପିଲାଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଅଭିଭାବକତ୍ୱର ଭୂମିକା ଏବେ ହୋଇପଡିଛି ଅଧିକ ଗୁରୁତ୍ୱପୂର୍ଣ୍ଣ ...

ପ୍ରଚ୍ଛଦ ପ୍ରସଙ୍ଗ ୩



## ଶ୍ରାବଣ ମାସରେ କ'ଣ କରିବା ଶୁଭ

**ଶ୍ରାବଣ ମାସ ଏକ ପବିତ୍ର ମାସ; ଯାହାକି ଦେବ ଦେବ ମହାଦେବଙ୍କର ଖୁବ୍ ପ୍ରିୟ। ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ଏମିତି ବି କିଛି ଖାସ୍ କାମ ରହିଛି ଯାହାକୁ ଏହି ପବିତ୍ର ମାସରେ କଲେ ହିଁ ପ୍ରଭୁ କୃପା ମିଳିବା ସହ ଘରେ ସୁଖଶାନ୍ତି ବଢିଥାଏ। ଯେମିତିକି:**



✲ ଭଗବାନ ଶିବଙ୍କୁ ବେଲଗଛ ଓ ବେଲପତ୍ର ଖୁବ୍ ପ୍ରିୟ। ଶିବ ପୁରାଣ ଅନୁଯାୟୀ, ଯେଉଁ ସ୍ଥାନରେ ବେଲଗଛ ଲଗାଯାଇଥାଏ, ସେହି ସ୍ଥାନଟି ଖୁବ୍ ପବିତ୍ର ହୋଇଯାଏ। ତେଣୁ ବେଲଗଛ ଲାଗିଥିବା ସ୍ଥାନରେ ପ୍ରତିଦିନ ନିଷ୍ଠାର ସହ ଜଳ ଢାଳିଲେ ମହାଦେବ ପ୍ରସନ୍ନ ହୋଇଥାନ୍ତି; ଯଦ୍ଵାରା ପରିବାରରେ ସୁଖସମୃଦ୍ଧି ଆସେ।

✲ ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ଘରର ଉତ୍ତର-ପୂର୍ବ ଦିଗରେ ବେଲଗଛ ଲଗାଇବା ଶୁଭ ହୋଇଥାଏ।

✲ ଏହି ପବିତ୍ର ମାସରେ ଠାକୁର ଘରର ଉତ୍ତରପଟ କାନ୍ଥରେ ଭଗବାନ ଶିବ ଓ ତାଙ୍କ ପରିବାରର ଫଟୋ ଲଗାଇ ପବିତ୍ର ମନରେ ତାହାକୁ ନିୟମିତ ପୂଜାକଲେ ପ୍ରଭୁକୃପା ମିଳିଥାଏ ବୋଲି ବିଶ୍ୱାସ ରହିଛି।

✲ ଭଗବାନ ଶିବ ହେଉଛନ୍ତି ପୂର୍ଣ୍ଣତାର ପ୍ରତୀକ। ତେଣୁ ଘରେ କେବେ ବି ଶିବ ତାଣ୍ଡବ ଅଥବା ଭଗବାନ ଶିବଙ୍କର କ୍ରୋଧିତ ଫଟୋ ଲଗାଇବା ଠିକ୍ ନୁହେଁ।

✲ ଯଦି ଆପଣ ଘରେ ଶିବଲିଙ୍ଗ ସ୍ଥାପନ କରିବାକୁ ଚାହୁଁଥାନ୍ତି, ତା'ହେଲେ ଏହି ଶ୍ରାବଣ ମାସ ଶୁଭ ହେବ। କିନ୍ତୁ ଧ୍ୟାନ ଦେବେ, ଶିବଲିଙ୍ଗର ଉଚ୍ଚତା ଯେମିତି ୬ ଇଞ୍ଚରୁ ଅଧିକ ହୋଇ ନ ଥିବ। ତା'ସହିତ ଘରର ଉତ୍ତର-ପୂର୍ବ ଦିଗରେ ହିଁ ଏହି ଶିବଲିଙ୍ଗକୁ ସ୍ଥାପନ କରି ନିଷ୍ଠାର ସହ ପୂଜାର୍ଚ୍ଚନା କଲେ ଶୁଭଫଳ ପ୍ରାପ୍ତ ହୋଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୨୮-ଅଗଷ୍ଟ ୩

### ମେଷ



ପ୍ରତ୍ୟୁଷ ଯାତ୍ରାରେ ସଫଳତା, ମନୋବଳ ବୃଦ୍ଧି, ଉଚ୍ଚସ୍ତରରୁ ପ୍ରୋତ୍ସାହନ, ପରୋପକାରରୁ ପ୍ରଶଂସା, ସ୍ନାୟବିକ ଦୁର୍ବଳତା, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ସ୍ଥଗିତ କାମ ପାଇଁ କୈଫିୟତ୍, ଆନୁଷ୍ଠାନିକ କର୍ମାରମ୍ଭ ॥

### ବୃଷ




କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ମିତ୍ରତା ବୃଦ୍ଧି ପାଇବ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ପଦମର୍ଯ୍ୟାଦା ବୃଦ୍ଧି, ଆତ୍ମୀୟଙ୍କ ପାଇଁ ଚିନ୍ତା, ଆର୍ଥିକ ଅଭିବୃଦ୍ଧି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ସମ୍ପର୍କ ପୁଣି ଯୋଡିବେ, ମାନସିକ ଚାପ ବଢିବ ॥

### ମିଥୁନ



ଅର୍ଥ ସାହାଯ୍ୟପ୍ରାପ୍ତି, କାର୍ଯ୍ୟ ତ୍ୱରାନ୍ୱିତ ହେବ, ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, ପରିସ୍ଥିତିର ସାମନା, ପ୍ରତିକ୍ରିୟା ପ୍ରକାଶରୁ ଦ୍ୱନ୍ଦ୍ୱ, ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି, ରୋଜଗାର କମିବନି, ଭୁଲ୍ ଖବର ପାଇବେ, ଭ୍ରମଣହେତୁକ କ୍ଳାନ୍ତି, ଖର୍ଚ୍ଚଭାର ବଢିବ ॥

### କର୍କଟ



ପାରିବାରିକ ସଭାବ, ପରିସ୍ଥିତି ବଦଳିଯିବ, ନୂଆ ବ୍ୟବସାୟ ଯୋଡିବେ, ବନ୍ଧୁଙ୍କ ପ୍ରତିଶ୍ରୁତି ମିଳିବ, ସାହିତ୍ୟ କୃତିରୁ ପ୍ରଶଂସା, କ୍ରନିକ୍ ରୋଗରେ ପୀଡା, ବାଣିଜ୍ୟରେ ପ୍ରତିବନ୍ଧକ, ଧର୍ମକାର୍ଯ୍ୟ କରିବେ, ପରିଜନ ସହ ଭ୍ରମଣ ॥

### ସିଂହ



ଭାବପ୍ରବଣତା ବଢିବ, ସମସ୍ୟାର ନିରାକରଣ, ସମ୍ପର୍କୀୟଙ୍କ ପରାମର୍ଶ, ଉଚ୍ଚ କର୍ତ୍ତୃପକ୍ଷଙ୍କ ତାଗିଦା, ଅର୍ଥସଂକଟରେ ଅନୁଚିନ୍ତା, ଭୁଲ କାମ କରିପାରନ୍ତି, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଶୁଭଖବର ପାଇବେ ॥

### କନ୍ୟା



କର୍ମଜଞ୍ଜାଳ ବୃଦ୍ଧି, ଟେନ୍ସନ ଲାଗିରହିବ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଆତ୍ମୀୟଙ୍କ ଅଭିଯୋଗ, ହିତୈଷୀଙ୍କ ପ୍ରେରଣା, ଘର ମରାମତି କରିବେ, ଯାନବାହନ ନବୀକରଣ, ସତ୍ସଙ୍ଗର ସୁଯୋଗ, ଧର୍ମକାର୍ଯ୍ୟ ପ୍ରତି ରୁଚି, ସହମତିରୁ ସଫଳତା, ଲୋକସମ୍ପର୍କ ବୃଦ୍ଧି ॥

### ତୁଳା



ମାନସିକ ଅସ୍ଥିରତା, ଋଣଗ୍ରସ୍ତ ହେବେ, ଭାତୃ ସମ୍ପର୍କରେ ଉନ୍ନତି, ଜମିଜମା ବିବାଦ, ବ୍ୟବସାୟିକ ସଫଳତା, ସହକର୍ମୀଙ୍କ ସାହାଯ୍ୟ, ନିର୍ମାଣ କାର୍ଯ୍ୟ ଧିମେଇବ, କର୍ମହାନୀ ଜନିତ ଅନୁତାପ, ପ୍ରତିବନ୍ଧକ ଦୂର ହେବ, କଳାକ୍ରୀଡାରେ ସଫଳତା ॥

### ବିଛା



ସାହସିକ ପଦକ୍ଷେପ, କାର୍ଯ୍ୟସିଦ୍ଧିରୁ ପ୍ରଶଂସା, ସାଂସ୍କୃତିକ କାର୍ଯ୍ୟକ୍ରମ, ମନାନ୍ତର ଦୂର ହେବ, ପଡୋଶୀଙ୍କ ମଧ୍ୟସ୍ଥତା, ଘଟଣାର ଦିଗ ବଦଳିବ, ଅପ୍ରିୟସତ୍ୟ ଭାଷଣ, ବିବାଦ ଘନେଇବ, ଯାନ୍ତ୍ରିକତ୍ରୁଟିରୁ ଯାତ୍ରାହାନୀ ॥

### ଧନୁ



ନୂତନଯୋଜନା କରିବେ, କର୍ମକ୍ଷେତ୍ରରେ ଅଗ୍ରଗତି, କରଜଦାତାଙ୍କ ଚାପ, କଚେରୀରେ ବାଇଦା, ସମସ୍ୟା ସମାଧାନ, ବିପଦମୁକ୍ତ ହେବେ, ସନ୍ତାନଙ୍କ କୃତିତ୍ୱ, ଭାରାକ୍ରାନ୍ତ ମନ, ବନ୍ଧୁଙ୍କ ସ୍ୱାର୍ଥପରତା, ଧନହାନୀ ଘଟିପାରେ ॥

### ମକର



ବନ୍ଧୁ ଅଭିମାନ କରିବେ, ପଡୋଶୀଙ୍କ ପରାମର୍ଶ, ପ୍ରତିବନ୍ଧକ ଦୂର ହେବ, ସଙ୍ଗୀତ ସାଧନାରେ ରୁଚି, ସହକର୍ମୀଙ୍କ ବିଶ୍ୱାସ ଘାତକତା, ଧାରକରଜ କରିବେ, ବୃଥା ସନ୍ଦେହରୁ ଅନର୍ଥ, ବୁଝାମଣାରେ ତ୍ରୁଟି, ଶିଳ୍ପ ବାଣିଜ୍ୟରେ ଉନ୍ନତି, ସମ୍ପର୍କରେ ନ୍ୟୁନତା, ଭୁଲ୍ ଖବରରେ ବିସ୍ମୟ ॥

### କୁମ୍ଭ




ଦୈହିକ ଦୁର୍ବଳତା, ଅବହେଳାରୁ ଅନୁତାପ, ନୂତନ ମିତ୍ରତା, ଆର୍ଥିକ ଅନଟନ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ସରକାରୀ ସହାୟତା, ଧର୍ମଚର୍ଚ୍ଚା ପ୍ରତି ମନ, ସୁଯୋଗ ହରାଇବେ, କିଣାବିକାରେ ଉନ୍ନତି, ପାରିବାରିକ ଶାନ୍ତି, ପ୍ରତିଦ୍ୱନ୍ଦ୍ୱିତାରୁ ଓହରିବେ ॥

### ମୀନ



ମାନସିକ ଶାନ୍ତି, ଆଶାପୂରଣ ହେବ, ବୁଝାମଣା ଠିକ୍ ରହିବ, ଭ୍ରାତୃସମ୍ପର୍କ ବଢିବ, ସହକର୍ମୀ ଭୁଲ୍ ବୁଝିବେ, ବ୍ୟୟବୃଦ୍ଧିରୁ ଅନୁଶୋଚନା, ବନ୍ଧୁଙ୍କ ଓଲଟା କଥା, ପରିବହନରେ ଝଗଡା, ନୂତନ କର୍ମାରମ୍ଭ, ପ୍ରଶାସନିକ ସଫଳତା, ସାମ୍ବାଦିକତାରେ ଗୌରବ ॥

# ରାଗ କମାଇବେ କିପରି



**ରା**ଗ, କ୍ରୋଧ ମଣିଷର ବହୁତ କ୍ଷତି ପହଞ୍ଚାଇଥାଏ। ରାଗରେ ବେଳେବେଳେ ପାଟିରୁ ଏମିତି କିଛି କଟୁ କଥା ବାହାରିଯାଏ, ଯାହା କେବଳ ବାହାର ଲୋକଙ୍କୁ ନୁହେଁ ଘର ଲୋକଙ୍କୁ ବି ବହୁତ ଖରାପ ଲାଗିଥାଏ; ଯଦ୍ଵାରା ସମ୍ପର୍କରେ ତିକ୍ତତା ଦେଖାଦିଏ। କିନ୍ତୁ ଜାଣନ୍ତି କି ଏମିତି ବି କିଛି ସରଳ ଉପାୟ ରହିଛି; ଯାହାକୁ ଆପଣାଇ ରାଗକୁ ସହଜରେ ଶାନ୍ତ କରିହେବ। ଯେମିତି କି: ✲ ରାଗ ଆସିବା ସମୟରେ ଆଖି ବନ୍ଦ କରି ପ୍ରଭୁଙ୍କ ନାମ ଜପିଲେ କିମ୍ବା ମା'ବାପାଙ୍କୁ ସ୍ମରଣ କଲେ ମନକୁ ବେଶ୍ ହାଲ୍‌କା ଲାଗିଥାଏ ବୋଲି ବିଶ୍ୱାସ କରାଯାଏ। ✲ ଅନ୍ୟପକ୍ଷେ ରାଗ ଆସିବା ସମୟରେ କାହାକୁ କିଛି ନ କହି ଟିକେ ଥଣ୍ଡା ପାଣି ପିଇ ମୁହଁ ଧୋଇଦେଲେ ବି ଶାନ୍ତି ଲାଗିଥାଏ। ✲ ପ୍ରତିଦିନ ସୂର୍ଯ୍ୟ ନମସ୍କାର କିମ୍ବା ପ୍ରାଣାୟମ କଲେ ବି ରାଗ ଉପରେ ନିୟନ୍ତ୍ରଣ ଆସିଥାଏ। ✲ ଶରୀରରେ ମୋତି ଧାରଣ କରିବା ଦ୍ୱାରା ବି ରାଗକୁ ନିୟନ୍ତ୍ରଣରେ ରଖିହୁଏ। କିନ୍ତୁ ଏହାକୁ ସମସ୍ତେ ଧାରଣ କରିପାରିବେ ନାହିଁ। ଯେଉଁମାନଙ୍କର ଜାତକରେ ଚନ୍ଦ୍ରମା ଶୁଭ ସ୍ଥାନରେ ରହିଥିବ ସେମାନେ ମୋତି ଧାରଣ କଲେ ଶୁଭଫଳ ମିଳେ ନଚେତ୍ ଫଳ ଓଲଟା ହୋଇଥାଏ। ତେଣୁ ମୋତି ଧାରଣ କରିବା ପୂର୍ବରୁ ଜ୍ୟୋତିଷଙ୍କୁ ଜାତକ ଦେଖାଇଦେବା ଉତ୍ତମ। ✲ ସେହିପରି ନିଜ ଜାତକରେ ଯେଉଁ ଗ୍ରହର ପ୍ରଭାବ ସବୁଠୁ ଅଧିକ ରହୁଥିବ, ସେହି ଗ୍ରହ ସମ୍ବନ୍ଧୀୟ ଦେବୀଦେବତାଙ୍କୁ ନିୟମିତ ଆରାଧନା କଲେ ରାଗ, କ୍ରୋଧ ଉପରେ ନିୟନ୍ତ୍ରଣ ଆସିଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥାନ୍ତି।

# ପାଠକୀୟ

✲ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲିଳା ଯେତିକି ବିଚିତ୍ର, ସେତିକି ରହସ୍ୟମୟ। ସେହି ବିଚିତ୍ର, ବିସ୍ମୟ ଓ ଅବୋଧ ରହସ୍ୟକୁ କେହି କେବେ ଭେଦ କରିପାରି ନାହାନ୍ତି। ହେଲେ ତାଙ୍କୁ ଡାକିଲେ ସେ ଡାକ ଶୁଣନ୍ତି। ସେହି ଅମୃତ ଅନୁଭବର କିଛି କଥାକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଅମୃତ ଅନୁଭବ' ସତରେ ବେଶ୍ ହୃଦୟସ୍ପର୍ଶୀ ଥିଲା। 'ସୌଭାଗ୍ୟ ଆଣିବ ହାତୀ ପ୍ରତିମା', 'ଉଇ ଲାଗୁଥିଲେ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

***– ସ୍ୱପ୍ନା ପ୍ରିୟଦର୍ଶୀ, ରାଉରକେଲା***

✲ ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ଅମୃତ ଅନୁଭବ' ହୃଦୟକୁ ଛୁଇଁଗଲା ଭଳି ଏକ ଆଲେଖ୍ୟ ଥିଲା। ମାହାରୀ ନୃତ୍ୟଶିଳ୍ପୀ ରୂପଶ୍ରୀ ମହାପାତ୍ରଙ୍କ ଜୀବନୀକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଆଲେଖ୍ୟଟି ବି ବେଶ୍ ମନଛୁଆଁ ହୋଇଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ଗୋପବନ୍ଧୁ ଶତ୍ରୁଶଲ୍ୟଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

***– ନବଘନ ଦାସ, କେନ୍ଦ୍ରାପଡ଼ା***

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ଛତା' ଶୀର୍ଷକ ଗପଟି ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ପ୍ରତିଦିନ ଦୁଇ ଘଣ୍ଟା', 'ମହେଶଙ୍କ ପ୍ରଶଂସାରେ କିଆରା', 'ହୁମା ଯାହା ଖୋଜୁଥିଲେ', 'ଘାରିଛି ରିଲ୍ସ ନିଶା' ଆଦି ପାଠଗୁଡ଼ିକ ତଥ୍ୟପୂର୍ଣ୍ଣ ହେବା ସହ ମନଛୁଆଁ ଥିଲା। ଲେଖକ ନୃସିଂହ ଚରଣ ସାହୁ (ଜରୁରୀ ଭାଇ)ଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା।

***– ରଶ୍ମିତା କର, ସୁନ୍ଦରଗଡ଼***

✲'ବଙ୍ଗଭୂମିରେ ଶ୍ରୀଜଗନ୍ନାଥ' ଶୀର୍ଷକ ପାଠଟି ବି ବେଶ୍ ନିଆରା ଥିଲା ପଢ଼ିବାକୁ। ମଡେଲ୍ ମିରର୍‌ରେ ସୁପ୍ରିୟା ବେଶ୍ ସୁନ୍ଦରୀ ଲାଗୁଥିଲେ। ସହରଠୁ ଦୂର ପୃଷ୍ଠାରୁ 'ମହୀଶୂର ଚାମୁଣ୍ଡେଶ୍ୱରୀ ମନ୍ଦିର' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଟି ଶାର୍ଟର କଥା' ଶୀର୍ଷକ ପାଠଟି ଯେତିକି ତଥ୍ୟପୂର୍ଣ୍ଣ ଥିଲା ସେତିକି ରୋଚକପୂର୍ଣ୍ଣ ବି ଲାଗୁଥିଲା।

***– ରାମେଶ୍ୱର ଲେଙ୍କା, କେନ୍ଦୁଝର***

✲ ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ପୋଲର ଉପକଥା' ଶୀର୍ଷକ ପାଠଟି ମନଛୁଆଁ ହେବା ସହିତ ଶିକ୍ଷଣୀୟ ହୋଇଥିଲା। ଅନ୍ୟପକ୍ଷେ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ମସ୍ତିଷ୍କ ସଂଗ୍ରହାଳୟ', 'ହାତୀଙ୍କ ସ୍ପା ସେଣ୍ଟର', 'ଜୁମ୍ ହୋଇପାରୁଥିବା କଣ୍ଟାକ୍ଟ ଲେନ୍ସ' ଆଦି ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

***– ରଶ୍ମିତା ପ୍ରଧାନ, କୋରାପୁଟ***

## ବିଶେଷ ଚିଠି




ଏଥରର ପ୍ରଚ୍ଛଦରେ ଥିଲା
ଅମୃତ ଅନୁଭବ,
ଦେଉଥିଲା ନୂଆ ନୂଆ ବାର୍ତ୍ତା
ମନଭରି ଅପୂର୍ବ ଆନନ୍ଦ।
ରୂପଶ୍ରୀ ମହାପାତ୍ରଙ୍କ ପାଠ ବି
ଲାଗୁଥିଲା ଭାରି ଉତ୍ତମ,
ତା'ସାଙ୍ଗକୁ ପୁଣି ଥିଲା
ପ୍ରଥମ ରୋଜଗାରର ନିଆରା
ଲେଖାମାନ।
ସତରେ ଛୁଟିଦିନ
ତୁମେ ସର୍ବଦା ସର୍ବଗୁଣ ସମ୍ପନ୍ନ।

***– ବିଶ୍ୱଜିତ୍ ମହାନ୍ତି, ସାକ୍ଷୀଗୋପାଳ, ପୁରୀ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ମାତାପିତା ଓ ସନ୍ତାନ

ସମୟ ସହିତ ବଦଳୁଛି ଅଭିଭାବକତ୍ୱର ପରିସର। ଦିନେ ଯୌଥ ପରିବାରର ସ୍ନେହ ଆକଟ ଭିତରେ ବଢୁଥିଲା ପିଲାଟି; ଯେଉଁଠି ଆଦର ସହ ଥିଲା ଅନୁଶାସନ। ପାଠପଢ଼ା, ସାଙ୍ଗସାଥୀ, ଖେଳକୁଦ ସହ ଥିଲା ଛୋଟମୋଟ ଘରକାମ। ପୁଣି କିଛିଟା ଦାୟିତ୍ୱବୋଧ । ଥିଲା ବି ଗାଳିମନ୍ଦ। ତଥାପି ଜୀବନ ଥିଲା ଖୁବ୍ ସୁନ୍ଦର ଓ ସ୍ନେହମମତାରେ ଭରପୂର। ଦୁଶ୍ଚିନ୍ତା ନ ଥିଲା କି ଅବସାଦ ନ ଥିଲା। ପିଲାଟି ରହୁଥିଲା ପରିବାରର ସୁରକ୍ଷା ବଳୟ ଭିତରେ। ଆଜି ଅନେକାଂଶରେ ମା'ବାପାଙ୍କ ସୁରକ୍ଷା ଭିତରେ ପିଲା। କିନ୍ତୁ ପିଲାଙ୍କ ଭବିଷ୍ୟତ ଆଉ ସୁରକ୍ଷା ପାଇଁ ମା'ବାପା କେମିତି ପ୍ରତିଯୋଗିତା ଭିତରେ ନିଜ ପିଲା ସବୁଠୁ ଆଗରେ ରହିବ ସେଥିପାଇଁ ସତତ ଯତ୍ନବାନ୍। ତଥାପି ପିଲା ଆଜି ଏକୁଟିଆ। ପରିବାର ବଦଳରେ ପିଲା ବେଶି ନିର୍ଭରଶୀଳ ହୋଇପଡୁଛି ଗ୍ୟାଜେଟ୍ ଉପରେ; ଯେଉଁଥିରୁ ତାକୁ ବାହାରକୁ ଆଣିବା ଆଉ ମା'ବାପାଙ୍କ ହାତରେ ନାହିଁ। ତେଣୁ ଆଜିର ସମାଜ ପିଲାଙ୍କୁ ଏକ ସୁନ୍ଦର ଜୀବନ ଦେବା ପାଇଁ ମାତାପିତାଙ୍କର ଦାୟିତ୍ୱ ଓ ଯତ୍ନ କ'ଣ ହେବା ଦରକାର ସେ ସମ୍ପର୍କରେ...

**ପିଲାର ରୋଲ୍ ମଡ଼େଲ ହୁଅନ୍ତୁ:** ଡା. ମଞ୍ଜୁବାଳା ପଣ୍ଡା

ମୋର ଠିକ୍‌ଭାବେ ମନେ ନାହିଁ – କେବେ କେଉଁଠି ଏ ଗପଟି ପଢ଼ିଥିଲି। ଆଠ କି ଦଶ ବର୍ଷର କୁନି ପିଲାଟିଏ। ଧନୀ ବାପା, ମା'ଙ୍କର ଏକମାତ୍ର ସନ୍ତାନ। ତମାମ ଦିନ ବାପା, ମା' ବ୍ୟସ୍ତ ରହନ୍ତି ବ୍ୟବସାୟ କାମରେ। ଫେରିବାବେଳକୁ ଅପେକ୍ଷା କରି କରି ଛୋଟ ପୁଅଟି ଶୋଇପଡ଼ିଥାଏ। କିଣି ଆଣିଥିବା ମୂଲ୍ୟବାନ୍ ଉପହାର ପୁଅର ବିଛଣାକଡ଼ରେ ରଖି, କପାଳରେ ସସ୍ନେହ ଚୁମା ଦେଇ ଦୁହେଁ ନିଜ ଶୟନକକ୍ଷକୁ ଚାଲିଯା'ନ୍ତି। ତିନିଜଣ ଶିକ୍ଷିତା ତାଲିମପ୍ରାପ୍ତ ଧାଈ ତିନୋଟି ଶିଫ୍ଟରେ ପିଲାଟିର ଦେଖାଚାହାଁ କରନ୍ତି। ହେଲେ ପିଲାଟି ମନରେ ଅଭାବବୋଧ, ଦୁଃଖ, ଅବ୍ୟକ୍ତ ଅସନ୍ତୋଷ। ଦିନେ ସେ ସାହସ କରି ବାପାମା'ଙ୍କ ପାଖେ ମୁହଁ ଖୋଲିଲା। ତମମାନଙ୍କ ସହ ରହିବା ପାଇଁ ମୋତେ ଅନ୍ତତଃ ମାସରେ ଦିନଟିଏ ତ ସମୟ ଦିଅ। ପୂରା ଦିନଟିଏ ? ବାପରେ ବାପ ! ଦିନେ ଅଫିସ ନ ଗଲେ ଜାଣୁ ଆମର କେତେ କ୍ଷତି ହେବ ? ପିଲାଟି କହିଲା କେତେ ? ପାଞ୍ଚ ହଜାର ଟଙ୍କା। ଓଃ, ଏତିକି ତ ! ଦୁଇ କି ଚାରି ମାସ ପରେ ପିଲାଟି ପାଞ୍ଚ ହଜାର ଟଙ୍କା ବାପା, ମା'ଙ୍କ ହାତରେ ଧରେଇଦେଇ କହିଲା, 'ଆଜି ଦିନଟି ମୋ ପାଖରେ ରହିବନା ପ୍ଲିଜ ?' କହିବା ବାହୁଲ୍ୟ ପିଲାଟି ତା'ର ପକେଟ ମନି ଓ ନିତିଦିନିଆ ହାତଖର୍ଚ୍ଚ ବଞ୍ଚେଇ ବାପା, ମା' ସହିତ ଦିନଟିଏ କାଟିବାକୁ ଚାହିଁଥିଲା। ପିଲାଟି ଆଖିରୁ ନିଗିଡି ଯାଉଥିଲା ଧାର ଧାର ଲୁହ। ବାପା, ମା' ମଧ୍ୟ ଲୁହରେ ଲୁତପୁତ୍। ସତ କହିବାକୁ ଗଲେ ଏ ଗପ ଏବେ ଅନେକ କ୍ଷେତ୍ରରେ ସତ।

ସେହିପରି ଗୁଞ୍ଜୁ। ଚିତ୍ରାର ଏକମାତ୍ର କନ୍ୟା। ଅଢ଼େଇ ବର୍ଷ ନ ହେଉଣୁ ଗଲାଣି ପ୍ଲେ ସ୍କୁଲ। ଏବେ ଷ୍ଟାଣ୍ଡାର୍ଡ ଥ୍ରୀର ଛାତ୍ରୀ। ସ୍କୁଲରୁ ଫେରି ଖାଇଦେଇ ହୋମ୍ ଟାସ୍କ କରେ। ଚାରିଟାରେ ସ୍ୱିମିଂ କ୍ଲାସ, ଛ'ଟାରେ ଡାନ୍ସ କ୍ଲାସ। ଆଠଟାରେ ଟ୍ୟୁଶନ ସାର୍ ଆସିବେ। ତା'ଛଡା ସାପ୍ତାହିକ ଆର୍ଟ୍ସ କ୍ଲାସ ଓ ମ୍ୟୁଜିକ କ୍ଲାସ ଅଛି। ଗୁଞ୍ଜୁର ସବୁବେଳେ କିଛି ନା କିଛି କ୍ଲାସ ଥାଏ। ଚିତ୍ରା କହନ୍ତି– ଗୁଞ୍ଜୁ ବେଳେବେଳେ ଖେଳେ। ହେଲେ କ'ଣ ଖେଳେ ? କମ୍ପ୍ୟୁଟର ଗେମ୍। ଗୁଞ୍ଜୁ ଘରକୁ କିଏ ଗଲେ ସେ ହସେନି, ବସେନି, କଥା କହେନି। ବେଳେବେଳେ ସାଧାରଣ ଶିଷ୍ଟାଚାର ଭୁଲିଯାଏ। ନମସ୍କାର ବି କରେନି। କିଏ ଶିଖେଇବ ଏ ସବୁ ? ଯୌଥ ପରିବାରର ପରମ୍ପରା କ୍ରମଶଃ ସଙ୍କୁଚିତ ହୋଇଆସୁଛି। ପାରିବାରିକ ସମ୍ପର୍କ ଆଉ ଆଗ ଭଳି ରହୁନି। ତା' ଛଡା ଏକକ– ସନ୍ତାନର ଗ୍ରହଣୀୟତା ବଢୁଛି। ସଙ୍ଗତ, ସମ୍ବନ୍ଧ, ସମ୍ପର୍କ କେଉଁଠୁ ଶିଖିବ ପିଲାଟିଏ ? ତେଣୁ ଏକ ଉନ୍ନତ ଅଭିଭାବକଙ୍କୁ ଏକ ଉତ୍ତମ ଶ୍ରୋତା ହେବାକୁ ହେବ। ଅନ୍ତରଙ୍ଗ ଭାବରେ ପିଲାକୁ ଶୁଣିଲେ ଆନ୍ତରିକତା ବଢ଼େ। ବିଶ୍ୱାସ କରନ୍ତୁ ଅଧା ସମସ୍ୟା ଶୁଣିବାରେ ସମାଧାନ ହୋଇଯାଏ। ସ୍ନେହ ସହିତ ପ୍ରଶଂସା ପିଲାର ମନୋବଳ ବଢ଼ାଏ। ଅବଶ୍ୟ ମିଠା ମିଠା ଶାସନ ବି ଜରୁରୀ ବେଳେବେଳେ। କିନ୍ତୁ ଏଥିରେ ବି ପାରସ୍ପରିକ ସମ୍ମାନ ରହିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଅପରପକ୍ଷେ ପିଲା ପାଇଁ ଆମର ସମ୍ମାନବୋଧ ନ ରହିଲେ ତା' ଭିତରେ ଏକ ବିଦ୍ରୋହ ବା ବିଦ୍ୱେଷ ସୃଷ୍ଟି ହୁଏ। ପରବର୍ତ୍ତୀ ସମୟରେ ଏହା ଆତ୍ମଘାତୀ ହୋଇପାରେ। ପିଲାଟିଏ ପାଇଁ ସକଳ ଜିନିଷ ତିଆରି କରି ଯୋଗେଇଦେବା ଅଭିଭାବକତ୍ୱ ନୁହେଁ, ବରଂ ସେଇ ଶିକ୍ଷା ଦେବା ଉଚିତ ଯାହା ତମାମ ଉପଲବ୍ଧି ଉପଲବ୍ଧ କରିବାରେ ଆଗାମୀ ଦିନରେ ତାକୁ ସାହାଯ୍ୟ କରିବ। ଆହ୍ୱାନକୁ ମୁକାବିଲା କରିବା ସ୍ୱୟଂ ଶିଖୁ ସେ। ପିଲାମାନେ ଅନୁକରଣ ପ୍ରିୟ। ପିଲାକୁ ଯଦି ଭଲ କରିବାକୁ ଚାହାନ୍ତି ନିଜେ ପ୍ରଥମେ ଭଲ ହୁଅନ୍ତୁ। ରୋଲ ମଡେଲ ହୁଅନ୍ତୁ। ସେମାନେ ଉଚ୍ଚାରଣ ନୁହଁ– ଆମ ଆଚରଣରୁ ଶିଖନ୍ତି। ନିଜେ ଆମେ ମୋବାଇଲ ଧରି ତମାମ ଦିନ ବ୍ୟସ୍ତ ରହିବା ଯଦି ସେମାନେ ବି ସେଇୟା ଶିଖିବେ। ପିଲାର କାମରେ ନିଖୁଣତା ନ ଖୋଜି ତା' ମଧ୍ୟରେ ଥିବା ସକାରାତ୍ମକ ସୁଗୁଣ ଖୋଜନ୍ତୁ। ପ୍ରଥମରୁ ପିଲାକୁ ସ୍ୱାଧୀନଚେତା, ସ୍ୱାବଲମ୍ବୀ, ସଂଯମୀ ଓ ଶୃଙ୍ଖଳିତ ହେବାକୁ ଅନୁପ୍ରାଣିତ କରନ୍ତୁ।

**ନିଜର ସ୍କ୍ରିନ ସମୟ କମ୍ କରନ୍ତୁ:** ପରବ୍ରହ୍ମ ତ୍ରିପାଠୀ (ସ୍ତମ୍ଭକାର)

୨୦୧୯ ମସିହାରେ ମୁମ୍ବାଇର ଏକ ସମ୍ଭ୍ରାନ୍ତ ବିଦ୍ୟାଳୟରେ କିଛି କିଶୋରମାନଙ୍କ ଦ୍ୱାରା ଖୋଲା ଯାଇଥିବା 'Bois locker room' ନାମକ ଚାଟ୍ ଗ୍ରୁପର ଆଲୋଚନା ସମଗ୍ର ଦେଶକୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। କିଶୋରମାନଙ୍କ ନିଜ ସହପାଠିନୀମାନଙ୍କ ପ୍ରତି ବ୍ୟବହୃତ ଭାଷା, ସେମାନଙ୍କ ଆଲୋଚନା, ଟୀକାଟିପ୍ପଣୀ ଡିଜିଟାଲ ଯୁଗରେ ପିଲାମାନଙ୍କ କାର୍ଯ୍ୟକଳାପ ଓ ସେଥିରେ ମାତାପିତା ଓ ଅଭିଭାବକଙ୍କ ଭୂମିକାକୁ ନେଇ ସାରା ଦେଶରେ ବିତର୍କ ସୃଷ୍ଟି କରିଥିଲା । ଡିଜିଟାଲକାର୍ଯ୍ୟକଳାପଯେଆଜିରସମୟରେଏକଆବଶ୍ୟକତାତାକୁସ୍ୱୀକାର କରିବାକୁ ହେବ। ବିନା ଫୋନ, କମ୍ପ୍ୟୁଟର, ଇଣ୍ଟରନେଟରେ ଆପଣଙ୍କ ପିଲା ଆଜିର ଦିନରେ ନିଜର କାର୍ଯ୍ୟ ସମ୍ପନ୍ନ କରିବା ପାଖାପାଖି ଅସମ୍ଭବ। ତେଣୁ ଫୋନ ବା ଇଣ୍ଟରନେଟ ବିଗାଡୁଛି ଭଳି ହାଲୁକା ମନ୍ତବ୍ୟ ଅପେକ୍ଷା, ଡିଜିଟାଲ ଉପକରଣ ଓ ମାଧ୍ୟମଗୁଡିକ କିପରି ଆପଣଙ୍କ ପିଲାର ବ୍ୟକ୍ତିତ୍ୱର ବିକାଶରେ ସହାୟକ ହୋଇପାରିବ ସେ ସମ୍ପର୍କରେ ଚିନ୍ତା କରିବାର ସମୟ ଆସିଛି । ପିଲା ମାତ୍ରେ ହିଁ ଜିଜ୍ଞାସୁ, ପିଲା ମାତ୍ରେ ହିଁ ଅନୁକରଣ ପ୍ରିୟ। ଆଉ ଆଭାସୀ ଦୁନିଆ ହେଉଛି ଉଭୟ ଭଲ ଓ ମନ୍ଦର ଥଳହୀନ ମହାସାଗର। ସେଠି ନିଜ ଜିଜ୍ଞାସାର ବଶବର୍ତ୍ତୀ ହୋଇ ପିଲାଟିଏ ଖରାପ ଦିଗକୁ ଆକର୍ଷିତ ହେବା ଏକ ବିରାଟ ବ୍ୟତିକ୍ରମ ନୁହେଁ। ଏଠି ଉଭୟ ମାତାପିତାଙ୍କର ଗୋଟେ ବଡ଼ ଭୂମିକା ରହିଛି। ପିଲାର ଜିଜ୍ଞାସାକୁ ବୁଝି ଅନଲାଇନ କାର୍ଯ୍ୟକଳାପରେ ତା' ଜିଜ୍ଞାସା ସମ୍ପର୍କିତ ସମ୍ଭାବିତ ଆଶଙ୍କାଗୁଡିକ

→









ଡା. ମଞ୍ଜୁବାଳା ପଣ୍ଡା



ବିଜୟଲକ୍ଷ୍ମୀ ଦାଶ



ପରବ୍ରହ୍ମ ତ୍ରିପାଠୀ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ସମ୍ପର୍କରେ ସେ ବୁଝିପାରିବା ଓ ଗ୍ରହଣ କରିପାରିବା ଭଳି ଭାଷାରେ ଜଣେଇବା ଉଭୟ ମା'ବାପାଙ୍କ ଦାୟିତ୍ୱ। ପିଲା ଆପଣଙ୍କୁ ଦେଖି ବଡ଼ ହୁଏ। ଆପଣଙ୍କ ସ୍କ୍ରିନ ସମୟ ତା' ଉପରେ ଖାଲି ପ୍ରଭାବ ପକାଏ ନାହିଁ, ତାକୁ ମଧ୍ୟ ଅଧିକରୁ ଅଧିକ ସମୟ ଆଭାସୀ ଦୁନିଆରେ ଦେବାକୁ ପ୍ରେରିତ କରେ। ଆପଣ ଯଦି ଖାଇଲା ବେଳେ ଫୋନ ଦେଖିଲେ, ଅଫିସରୁ ଫେରିଲା ମାତ୍ରେ ଫୋନ କିମ୍ବା ଲାପଟପ ଧରି ବସିଗଲେ, ପିଲା ସେଇଟିକୁ ଏକ ସ୍ୱାଭାବିକ ଦୈନନ୍ଦିନ କାର୍ଯ୍ୟକଳାପ ଭାବେ ଗ୍ରହଣ କରିବା ସହ ନିଜକୁ ସେହି ଭଳି ଗଢିବା ଆରମ୍ଭ କରେ। ଆଜିର ପେସାଦାର କର୍ମବହୁଳ ଜୀବନରେ ମାତାପିତାଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଲା ନିଜ ଘରେ ସ୍କ୍ରିନ ରହିତ ସମୟ ତିଆରି କରିବା। ସେଥିପାଇଁ ଆପଣଙ୍କୁ ହିଁ ପ୍ରଥମେ ଘରେ ଥିଲା ବେଳେ ନିଜ ସ୍କ୍ରିନ ସମୟ କମ୍ କରିବାକୁ ହେବ। ବହି ପଢିବା, ପିଲା ସହ କଥା ହେବା, ତା'ସହ ଖେଳିବା, ଛୋଟମୋଟ କାମ କରିବା ଆଦି ଅଭ୍ୟାସ ବଢ଼େଇଲେ ପିଲା ଡିଜିଟାଲ ଉପକରଣ ସର୍ବସ୍ୱ ହେବ ନାହିଁ। ନିଜ କାର୍ଯ୍ୟକଳାପ ଉପରେ ପ୍ରଥମେ ଧ୍ୟାନ ଦେବା ସହ, ପିଲାର କାର୍ଯ୍ୟକଳାପକୁ ମଧ୍ୟ ନଜର ଦେବା ଉଚିତ। ଆଉ ଗୋଟିଏ ବଡ଼ କଥା ହେଲା କେବଳ ନଜର ରଖିବା ନୁହେଁ, ପିଲା ସହ ଆପଣଙ୍କ ଯୋଗାଯୋଗ ଏପରି ହେବା ଉଚିତ ଯେପରି ସେ ନିଜ ଅନଲାଇନ କାର୍ଯ୍ୟକଳାପ ବିଷୟରେ ଆଲୋଚନା ପାଇଁ ଆପଣଙ୍କୁ ବିଶ୍ୱାସ କରିପାରିବ। ପିଲା ବିନା ସଙ୍କୋଚରେ ଆପଣଙ୍କୁ ନିଜ କଥା ଜଣାଇ ପାରିଲେ ଡିଜିଟାଲ କାର୍ଯ୍ୟକଳାପ ସହ ଜଡିତ ଆଶଙ୍କା, ଅପବ୍ୟବହାର ଓ ଠକି ଯିବାର ସମ୍ଭାବନା ଆଦିକୁ ଅନେକ ମାତ୍ରାରେ ଏଡେଇ ହେବ।

**ପିଲାଙ୍କୁ ପ୍ରଶଂସା ବି କରନ୍ତୁ :** ପ୍ରଣତି ଆଚାର୍ଯ୍ୟ ମିଶ୍ର (ଅଭିଭାବକ)

ଆଜିର ପିଲାମାନେ ଆଦେଶ ପାଳନକାରୀ ରୋବୋରେ ପରିଣତ ହେଲେଣି। କଥା କହିବା ଆରମ୍ଭ କରିବା ମାତ୍ରେ ମାତା ପିତା ସେମାନଙ୍କୁ ସାଧାରଣ ଜ୍ଞାନ ବହି ଧରାଇ ବିଭିନ୍ନ ଚିତ୍ର ଚିହ୍ନିବାକୁ ବାଧ୍ୟ କରନ୍ତି। କିମ୍ବା ନର୍ସରୀ ରାଇମ ଘୋଷାନ୍ତି। ଖେଳପଡିଆରେ ମନଇଚ୍ଛା ଖେଳିବା ସେମାନେ ସମ୍ପୂର୍ଣ୍ଣ ଭୁଲିଗଲେଣି। କୁହାଯାଏ ଯଦି ପିଲାମାନେ ଜିଦ୍ ନ କରିବେ ତ ଆଉ କିଏ କରିବ? ସେମାନଙ୍କ ଜିଦ୍ ଓ ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ଟିକିଏ ଧ୍ୟାନ, ଧୈର୍ଯ୍ୟ ଓ ସମୟ ଦରକାର। ମାତାପିତା ପରସ୍ପର ପିଲାଙ୍କ ସମ୍ମୁଖରେ ସ୍ନେହ ଓ ପ୍ରେମର କଥା ହୁଅନ୍ତୁ। ବର୍ତ୍ତମାନ ଏକକ ପରିବାରର ଚଳଣି, ହେଲେ ସମୟ ବାହାରକରି ପିଲାଙ୍କୁ ଜେଜେବାପା ଜେଜେମା' ଓ ପରିବାରବର୍ଗଙ୍କ ସହ ମିଶିବାର ସୁଯୋଗ ଦିଅନ୍ତୁ। ଯେତେବେଳେ ବି ପିଲା କିଛି ଭଲ କାମ କରେ, ତାକୁ ଖୋଲାଖୋଲି ପ୍ରଶଂସା କରନ୍ତୁ। ଏହା ପିଲାଙ୍କୁ ଭଲ କାମ କରିବା ପାଇଁ ଉତ୍ସାହିତ କରେ। ଭୁଲ୍ କାମ ପାଇଁ ଗାଳି ଦେବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଭଲ କାମକୁ ପ୍ରୋତ୍ସାହିତ କରିବା ଆହୁରି ଜରୁରୀ। ବାଲ୍ୟକାଳର ସ୍ମୃତି ସମସ୍ତଙ୍କର ସୁନ୍ଦର। ହେଲେ ବାଲ୍ୟକାଳ କେବେ ବି ବାହୁଡ଼ି ଆସେନା। କିନ୍ତୁ ପିଲାଙ୍କ ସହ ଶିଶୁ ହୋଇ ସେମାନଙ୍କ ସହ ଶୈଶବକୁ ତ ଅନୁଭବ କରିପାରିବେ।

**ପିଲାଙ୍କ ସହ ପିଲା ହୋଇଯାଆନ୍ତୁ:** ବିଜୟଲକ୍ଷ୍ମୀ ଦାଶ (ମନସ୍ତତ୍ତ୍ୱବିତ୍)

ଅଭିଭାବକଙ୍କ ଉଚ୍ଚାକାଂକ୍ଷା ପିଲାଙ୍କ ଶୈଶବକୁ ଛଡ଼େଇ ନେଉଛି। ଏପଟେ ପିଲାମାନେ ବି ଯାନ୍ତ୍ରିକ ଦୁନିଆକୁ ଆପଣେଇ ନେଉଛନ୍ତି। ଫଳ ଏହା ହେଉଛି ଯେ, ପାରିବାରିକ ସମ୍ପର୍କ ଆଉ ଆଗଭଳି ରହୁନି। ତେଣୁ ଆଜିର ସମୟରେ ମାତାପିତାଙ୍କର ପିଲାଙ୍କ ପ୍ରତି ଲାଳନପାଳନ ଓ ଦାୟିତ୍ୱ କିପରି ରହିବା ଦରକାର, ତାହା ହେଉଛି ବଡ଼ ପ୍ରଶ୍ନ। ଏବେ ସାଧାରଣତଃ ଦେଖାଯାଉଛି ଶିଶୁଟିଏ କାନ୍ଦିଲେ ବି ଅଭିଭାବକମାନେ ମୋବାଇଲ ଫୋନଟିଏ ବଜାଇ ଦେଉଛନ୍ତି ପିଲା ତୁନି ପଡ଼ିବାକୁ। ଛଅ ମାସର ହେଲେ ଖାଉନି ମୋବାଇଲ ଟିକେ ଦେଖେଇ ଦିଅ ସହଜରେ ଖାଇ ଦେବ। କଲୋନୀ ପିଲା ସଙ୍ଗେ ମିଶିଲେ ବାହାର କଜିଆ ଘରକୁ ଆସିବ, ଭଲ ହେବ ତୁ ଫୋନରେ ଖେଳେ। ମୁଁ ଅଫିସରୁ ଟାୟାର୍ଡ ହୋଇଆସିଛି, ତୁ ଫୋନ୍ ଦେଖି ହୋମୱାର୍କ କରିଦେ। କଥା ହେଉଛି ଆମେ ଯାହା ସହ ବେଶି ସମୟ ବିତାଉ, ଯିଏ ଆମ ମସ୍ତିଷ୍କକୁ ଖୁସି ହରମୋନ କ୍ଷରଣରେ ସାହାଯ୍ୟ କରେ, ସେ ଧୀରେ ଧୀରେ ଆମ ଉପରେ କବ୍ଜା କରିବାରେ ପ୍ରମୁଖ ଭୂମିକା ନିର୍ବାହ କରେ। ଯେତେବେଳେ ଆମକୁ ଲାଗେ, ମୋ ପିଲା ମୋ ସଙ୍ଗେ କଥା ହେଉନି, ପାଠ ମନେ ରଖିପାରୁନି, ମୋ ସଙ୍ଗେ ବସି ଖାଉନି, ସୁଖଦୁଃଖ ହେଉନି ସେତେବେଳକୁ ଶୈଶବ ହଜିଯାଇ ପିଲା କୈଶୋରରେ ପହଞ୍ଚି ସାରିଥାଏ। ସବୁ ସଜାଡିବା ବେଳକୁ ନେଡି ଗୁଡ଼ କହୁଣିରେ। ଦ୍ୱିତୀୟ କଥା ହେଲା, ଛୁଆ ଖଡ଼ି ଧରିଛି କି ନାଇଁ ଆମେ ଲକ୍ଷ୍ୟଧାର୍ଯ୍ୟ କରିଦେଉଛୁ। ଆମର ପ୍ରତିଯୋଗିତା ମନୋଭାବ ଆମକୁ ବସ୍ତୁବାଦୀ କରିଦେଇଛି। ବସ୍ତୁବାଦୀ ସୁଖ ପାଇଁ ମଣିଷ ନିଜେ ତ ଅଣନିଃଶ୍ୱାସୀ ହୋଇ ଦୌଡୁଛି ନିଜ ପଦାଙ୍କ ଅନୁସରଣ କରିବାକୁ ପିଲାକୁ ବି ବାଧ୍ୟ କରୁଛି। ସେଥିରେ ପୁଣି ଆଜିକାଲି ଟ୍ରେଣ୍ଡ ଯେ, ପିଲାଙ୍କ ୟୁଟ୍ୟୁବ୍ କରିବା। ନିଜ ହିସାବରେ ଖୁସି ହେବା ପାଇଁ, ଖେଳିବା ଲାଗି ତା' ପାଖରେ ସମୟ ନାହିଁ। ପିଲା ଗୋଟିଏ ପ୍ରଡକ୍ସନ ୟୁନିଟ୍ ପାଲଟି ଯାଇଛି ତୁମେ ଇନଭେଷ୍ଟ କର ସେ ଆଉଟପୁଟ୍ ଦେବ। କେହି କହିନି 'ଯେମିତି ରୋପିବ ଫସଲ ସେମିତି କାଟିବ'! ପିଲାକୁ ଶିଖାଇଲେ ସେ ଶିଖେନି। ଆପଣ ଯାହା କରନ୍ତି ସେ ତାକୁ ପ୍ରତି ମୁହୂର୍ତ୍ତରେ ଅନୁକ୍ଷଣ ଆଉ ଅନୁସରଣ କରୁଥାଏ। ତେଣୁ ନିଜେ ଆଗ ସେମିତି ହୁଅନ୍ତୁ, ଯେମିତି ଆପଣ ପିଲାକୁ ଦେଖିବାକୁ ଚାହାନ୍ତି। ପିଲାକୁ ଛୋଟରୁ ମୋବାଇଲ ଦିଅନ୍ତୁ ନାହିଁ। ରିସର୍ଚ୍ଚ କହୁଛି ଆପଣ ସ୍ତନ୍ୟପାନ କଲା ବେଳେ ଯଦି ପିଲାର ଆଖିକୁ ଚାହିଁବେ ଓ ବାର୍ତ୍ତାଳାପ କରିବେ ପିଲା ମନ ଖୁସି ରହିବା ସହ ସମ୍ପର୍କ ସୁଦୃଢ଼ ହେବ। ପିଲାକୁ ଖାଦ୍ୟ ଖୋଇବା ବେଳେ ଶିଶୁଗୀତ ମାଧ୍ୟମରେ କାଉ, ଜହ୍ନ ଇତ୍ୟାଦି ଆମ ଚାରିପାଖରେ ଥିବା ବସ୍ତୁ ବିଷୟରେ ଶିକ୍ଷା ଦେଇ ହେବ ; ଯାହାଦ୍ୱାରା ସେ ଜଲ୍‌ଦି କଥା କହିବ। ଛୋଟରୁ ପିଲାକୁ ସକାଳ ସନ୍ଧ୍ୟାରେ ପ୍ରାର୍ଥନା ଓ ସ୍ୱଳ୍ପ ସମୟ ହେଉ ପଛେ ଧ୍ୟାନ କରିବା ଶିଖାଇଲେ ତା'ର ଏକାଗ୍ରତା ବୃଦ୍ଧି ହେବ। ପିଲାଙ୍କ ସଙ୍ଗେ ଖେଳିଲେ ତା'ର ମନସ୍ତାତ୍ତ୍ୱିକ ବିକାଶ ହେବା ସଙ୍ଗେ ଶୃଙ୍ଖଳା ଓ ସାମାଜିକ ବ୍ୟବହାରରେ ଉନ୍ନତି ହେବା ସହ ଶାରୀରିକ ବିକାଶ ମଧ୍ୟ ହେବ। ଘରକୁ ଆସୁଥିବା ସମ୍ପର୍କୀୟ ଓ ଗୁରୁଜନମାନଙ୍କ ଚର୍ଚ୍ଚାରେ ସାମର୍ଥ୍ୟ ଅନୁସାରେ ପିଲାକୁ ବିନିଯୋଗ କରନ୍ତୁ; ଯଦ୍ୱାରା ସେ ସମ୍ପର୍କର ମହତ୍ତ୍ୱ ଓ ତା'ର ଦାୟିତ୍ୱ ବିଷୟରେ ସଚେତନ ରହିବ। ଆପଣ ନିଜ ମା'ବାପାଙ୍କ ପାଇଁ କ'ଣ କରୁଛନ୍ତି ଦେଖିଲେ ସେ ଆପଣଙ୍କ ପାଇଁ ସେୟା କରିବାକୁ ପ୍ରଯତ୍ନ କରିବ। ଆପଣ ତା'ପାଇଁ ଯାହା କରୁଛନ୍ତି ସେ ତ ତାହା ତା' ପିଲାଙ୍କ ପାଇଁ କରିବ। ଦିନରେ ଅତି କମ୍‌ରେ ଗୋଟିଏ ଥର ଏକାଠି ବସି ଖାଆନ୍ତୁ ଆଉ କିଛି ସମୟ ତା'ର ଦିନସାରାର ଅନୁଭୂତି ଶୁଣନ୍ତୁ। ନିଜର କିଛି ମୂଲ୍ୟବାନ୍ ଅନୁଭୂତି କହିବାକୁ ଜମା ଭୁଲିବେନି। ଉପଦେଶ ନୁହେଁ କାହାଣୀ ଉପସ୍ଥାପନା ମନକୁ ବେଶି ପ୍ରଭାବିତ କରେ। ପିଲାକୁ ଆଲିଙ୍ଗନ କରିବା, ପିଠି ଥାପୁଡେଇ ଦେବା, ମୁଣ୍ଡ ଆଉଁଶି ଦେବା, ମଥାରେ ବୋକ ଦେବା ଜମା ଭୁଲନ୍ତୁ ନାହିଁ। ସ୍ପର୍ଶରେ ଗୋଟିଏ ସ୍ୱତନ୍ତ୍ର ଅନୁଭବ ଅଛି ମମତା ମନରେ ରହିବା ଯଥେଷ୍ଟ ନୁହେଁ ମନରେ ଦେହ ଓ ହୃଦୟକୁ ସଂଚରିଯିବା ନିହାତି ଦରକାର। ତାହା ଛୁଆ ମନରେ ଆତ୍ମୀୟତା, ଆତ୍ମ ବିଶ୍ୱାସ ବଢ଼ାଏ ଓ ନିଃସଙ୍ଗତା ଦୂର କରିବାରେ ଖୁବ୍ ବଡ଼ ଭୂମିକା ନିଭାଏ। ଜୀବନ ଗୋଟେ ଯାତ୍ରା, ରେସ୍ ନୁହେଁ। ସବୁ ଘୋଡ଼ା ପରି ଆପଣଙ୍କ ପିଲା ଯେ ଦୌଡି ପାରିବ ଏମିତି ବାଧ୍ୟ ନୁହେଁ। ସମସ୍ତଙ୍କ ମସ୍ତିଷ୍କର ଗଠନ ସମାନ ନୁହେଁ। କେହି କଳାରେ ବିକଶିତ ତ ବିଜ୍ଞାନରେ କେହି ମାହିର, ଆଉ କେହି ଖେଳରେ ବାଜିମାତ କଲାଣି। ଆଜିକାଲି ତ ସୁଯୋଗ ଅନେକ। ଆମ ସ୍ୱପ୍ନକୁ ଥାପି ନ ଦେଇ ଖାଲି ତା'ର ସ୍ୱପ୍ନକୁ ସାମର୍ଥ୍ୟ ଟିକେ ଯୋଗେଇ ଦେଲେ ଦିନେ ସେ ଆମ ପାଇଁ ଗର୍ବ ଓ ଗୌରବ ଆଣିଦେବ।


–ରୋଜାଲିନ ମହାନ୍ତି



# ପୈଠାନୀ ଶାଢ଼ି ଫ୍ୟାଶନ

ଆକର୍ଷଣୀୟ ଡିଜାଇନ୍ ସାଙ୍ଗକୁ ଫାଇନ୍ ମଲବେରୀ ସିଲ୍କ ଫାବ୍ରିକ୍ ପୈଠାନୀ ଶାଢ଼ିକୁ ସ୍ୱତନ୍ତ୍ର କରିଥାଏ। ସେଥିପାଇଁ ଏହା ଦେଖିବାକୁ ଯେମିତି ଆକର୍ଷଣୀୟ ହୋଇଥାଏ ଏହାର ଦାମ୍ ବି ସେମିତି ଅଧିକ ରହିଥାଏ। ତେବେ ରୟାଲ୍ ଲୁକ୍ ପ୍ରଦାନ କରୁଥିବା ପୈଠାନୀ ଶାଢ଼ିର କ'ଣ ରହିଛି ଇତିହାସ ଓ ବର୍ତ୍ତମାନର ପରିସ୍ଥିତି ଜାଣନ୍ତୁ ସେ ସମ୍ପର୍କରେ...





ଆଖି ଲାଖିଗଲା ଭଳି ଡିଜାଇନ୍ ଆଉ ତା'ସାଙ୍ଗକୁ ଅତି ଉତ୍ତମ କ୍ୱାଲିଟିର ମଲବେରୀ ସିଲ୍କ ଫ୍ରାବିକ୍‌ରେ ତିଆରି ହୋଇଥିବା କଲର୍‌ଫୁଲ୍ ପୈଠାନୀ ଶାଢ଼ିକୁ ଯେ କୌଣସି ଅକେଜନ୍‌ରେ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗେ। ସେଥିପାଇଁ ପ୍ରାୟତଃ ବଲିଉଡ୍ ଆକ୍ଟ୍ରେସ୍‌ମାନଙ୍କୁ ଏହି ଶାଢ଼ିରେ ଦେଖିବାକୁ ମିଳିଥାଏ। ପୈଠାନୀ ଶାଢ଼ି ମୁଖ୍ୟତଃ ମହାରାଷ୍ଟ୍ରିୟାନ୍ ଶାଢ଼ି ଅଟେ ; ଯାହାକୁ ଅତି ନିଖୁଣ ଭାବେ ପିୟୋର୍ ମଲବେରୀ ସିଲ୍କରେ ତିଆରି କରାଯାଇଥାଏ। ଖାସ୍ କରି ଏହି ଶାଢ଼ିରେ ଆକର୍ଷଣୀୟ ବୁଟି ୱାର୍କ ସାଙ୍ଗକୁ ଏହାର ବର୍ଡର ଓ କାନିରେ ଗୋଲ୍ଡେନ୍ କିମ୍ବା ସିଲଭର୍ ଜରିରେ ମୟୂର ହେଉ ଅଥବା ଶୁଆ କିମ୍ବା ପଦ୍ମ ଫୁଲ ପରି ଅତି ସୁନ୍ଦର ସୁନ୍ଦର ଡିଜାଇନ୍ କରାଯାଇଥାଏ। ଆଉ ଏହିସବୁ କାମକୁ ଅତି ନିଖୁଣ ଭାବେ ହାତରେ ବୁଣି ବୁଣି କରିବାକୁ କାରିଗରଙ୍କୁ ଟିକେ ଅଧିକ ସମୟ ଲାଗିଥାଏ ; ଯେଉଁଥିପାଇଁ ଏହି ଶାଢ଼ିର ମୂଲ୍ୟ ଟିକେ ଅଧିକ ରହିଥାଏ।

## ପୈଠାନୀ ଶାଢ଼ିର ଇତିହାସ

ପୈଠାନୀ ଶାଢ଼ିର ଉତ୍ପତ୍ତିକୁ ନେଇ ଅନେକ ରୋଚକ କଥା ଶୁଣିବାକୁ ମିଳେ। ସୂଚନାନୁଯାୟୀ, ଆଜକୁ ପ୍ରାୟ ଦୁଇ ହଜାର ବର୍ଷ ପୂର୍ବେ ପ୍ରଥମେ ଏହି ଶାଢ଼ିକୁ ସାତବାହନ ରାଜବଂଶର ରାଣୀମାନେ ପିନ୍ଧୁଥିଲେ। ସେ ସମୟରେ ଏହି ଶାଢ଼ିକୁ ପିୟୋର୍ ସିଲ୍କ ଉପରେ ସୁନା ତାରକୁ ବ୍ୟବହାର କରି ତିଆରି କରାଯାଉଥିଲା ; ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗୁଥିଲା। କ୍ରମେ ଏହି ଶାଢ଼ି ଗ୍ରିକୋ ରୋମାନମାନଙ୍କୁ ବି ଖୁବ୍ ଭଲ ଲାଗିଥିଲା। ଆଉ ଏହି ଶାଢ଼ି ପାଇଁ ସେମାନେ କେତେଥର ସୁନାର ଆଦାନ ପ୍ରଦାନ ମଧ୍ୟ କରିଥିବା ଇତିହାସ କହେ। ଖାସ୍ ଏହି କାରଣ ପାଇଁ ପୈଠାନୀ ଶାଢ଼ିକୁ ପ୍ରଥମେ କେବଳ ରାଣୀ, ମହାରାଣୀ ତଥା ବିତ୍ତଶାଳୀ ମହିଳାମାନେ ହିଁ ପିନ୍ଧୁଥିଲେ। ତା'ଛଡ଼ା ପୂର୍ବେ ଏହି ପୈଠାନୀ ଶାଢ଼ିକୁ 'ପ୍ରତିଷ୍ଠାନୀ' ବୋଲି ବି କୁହାଯାଉଥିଲା। କାରଣ ଏହାର ଉତ୍ପତି 'ପ୍ରତିଷ୍ଠାନ' ନାମକ ଏକ ପ୍ରାଚୀନ ସହରରୁ ହୋଇଥିଲା ; ଯାହାକି ବର୍ତ୍ତମାନ 'ପୈଠନ' ନାମରେ ପରିଚିତ ଆଉ ଏହି ସହରଟି ଏବେ ମହାରାଷ୍ଟ୍ରର ଔରଙ୍ଗାବାଦ୍ ଜିଲାରେ ଅବସ୍ଥିତ। ଖାସ୍ ସେଥିପାଇଁ ଏହି ଶାଢ଼ିକୁ କେହି କେହି ପୈଠନୀ କୁହନ୍ତି ତ ଆଉ କିଏ ପୈଠାନୀ ଶାଢ଼ୀ ବୋଲି ବି କହିଥାନ୍ତି। ଆଉ ଏବେ ବି ଏହି ସହରରେ ପୈଠାନୀ ଶାଢ଼ି ତିଆରି କରିବାର ପରମ୍ପରା ସେମିତି ରହିଛି। ଅବଶ୍ୟ ଏହାର ରୂପରେଖରେ ସାମାନ୍ୟ କିଛି ପରିବର୍ତ୍ତନ ଆସିଛି। କେବଳ କିଛି ଖାସ୍ ଅର୍ଡର ଆସିଲେ ହିଁ ଏଠାରେ ସୁନା, ରୂପା ତାରରେ ପୈଠାନୀ ଶାଢ଼ି ତିଆରି କରାଯାଉଛି ନଚେତ୍ ଆର୍ଟିଫିସିଆଲ୍ ସୁନା, ରୂପା ଜରିକୁ ବ୍ୟବହାର କରି ଏଠି ପୈଠାନୀ ଶାଢ଼ିର ବର୍ଡର ଓ କାନିକୁ ଡିଜାଇନ୍ କରାଯାଉଛି।

## ଫ୍ୟାଶନ ଟିପ୍ସ

* **ବ୍ଲାଉଜ୍ ଷ୍ଟାଇଲ୍:** ଖାସ୍‌କରି ପୈଠାନୀ ଶାଢ଼ି ସାଙ୍ଗକୁ ୩/୪ ଲେଙ୍ଗ୍‌ଥ ସ୍ଲିଭ୍ ହେଉ କି ଫୁଲ୍ ସ୍ଲିଭ୍‌ବାଲା ବ୍ଲାଉଜ୍ ଖୁବ୍ ସୁନ୍ଦର ଦେଖାଯାଇଥାଏ। ତା'ସହିତ ବ୍ଲାଉଜ୍ ଡିଜାଇନ୍ ଯେତେ ସିମ୍ପଲ୍ ରହିବ ସେତେ ଭଲ। ଏଥିରେ ଲଟକନ୍ ଲଗାଇବା କିମ୍ବା କୌଣସି କଟିଙ୍ଗ୍ ଡିଜାଇନ୍ ନକଲେ ବି ଚଳିବ।
* **ଜୁଏଲେରୀ:** ଯେହେତୁ ପୈଠାନୀ ଶାଢ଼ିର ବର୍ଡରରେ ଗୋଲ୍ଡେନ୍ କିମ୍ବା ସିଲଭର୍ କଲର୍‌ର ଜରି କାମ ହୋଇଥାଏ, ତେଣୁ ଏହା ସାଙ୍ଗକୁ ଗୋଲ୍ଡେନ୍ କିମ୍ବା ସିଲଭର୍‌ର ମଲ୍ଟି ଲେୟର୍ ନେକ୍‌ଲେସ୍ ଓ ମ୍ୟାଚିଂ ଇୟର୍ ରିଂ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ମହାରାଷ୍ଟ୍ରିୟାନ୍ ଲୁକ୍ ପାଇଁ ଆପଣ ଚାହିଁଲେ ଏହା ସାଙ୍ଗକୁ ନାକରେ ମରାଠୀ ନଥ୍ ମଧ୍ୟ ପିନ୍ଧିପାରିବେ। କିନ୍ତୁ ଧ୍ୟାନ ଦେବେ ଯେହେତୁ ଶାଢ଼ି ଓ ଜୁଏଲେରୀ ଉଭୟ ଗର୍ଜିୟସ୍ ରହୁଛି ତେଣୁ ହେଭି ମେକ୍‌ଅପ୍ ବଦଳରେ ଯେତେ ସମ୍ଭବ ହାଲ୍‌କା ମେକ୍‌ଅପ୍ ନେବାକୁ ଚେଷ୍ଟା କରିବେ।
* **ହେୟାର୍ ଷ୍ଟାଇଲ୍:** ଟ୍ରାଡିସନାଲ୍ ଲୁକ୍ ପାଇଁ ପୈଠାନୀ ଶାଢ଼ି ସାଙ୍ଗକୁ ଜୁଡ଼ା କରି ସେଥିରେ ଗଜରା ଲଗାଇଲେ ସୁନ୍ଦର ଦେଖାଯାଇଥାଏ। ବିଶେଷକରି ମହାରାଷ୍ଟ୍ରିୟାନ୍ ବାହାଘରମାନଙ୍କରେ ନବବଧୂଙ୍କୁ ଏହି ଲୁକ୍‌ରେ ଦେଖିବାକୁ ମିଳିଥାଏ। କିନ୍ତୁ ଯଦି ଆପଣଙ୍କର ଚେହେରା ଟିକେ ମୋଟା ଦେଖାଯାଉଥାଏ, ତା'ହେଲେ ସେ କ୍ଷେତ୍ରରେ ମେସି ବନ୍ କରିବା ଠିକ୍ ହୋଇଥାଏ ; ଯଦ୍ୱାରା କାହାର ବି ବେଶୀ ଧ୍ୟାନ କେବଳ ଆପଣଙ୍କ ମୁହଁ ଉପରକୁ ଯିବନାହିଁ। ସେହିପରି ଯଦି ପତଳା ଚେହେରା ସାଙ୍ଗକୁ ଆପଣଙ୍କ କଲାର୍ ବୋନ୍ ଠିକ୍ ଠାକ୍ ଅଛି, ତା'ହେଲେ ସେ କ୍ଷେତ୍ରରେ ସ୍ଲିକ୍ ଲୋ ବନ୍ କରିବା ଠିକ୍ ଲାଗିଥାଏ।










# ଜୀବନର ଅନ୍ୟ ନାମ କବିତା


**“ସେ ମୋତେ ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ନିରିଖେଇ କହିଥିଲେ,ଏମ୍‌ଏ କ୍ଲାସ୍‌ରେ ପଢ଼ି ମିଛ କହୁଛ! ତୁମ ବାପା ନାରାୟଣ ବାରିକ୍‌ଙ୍କୁ କହିବ ସେ ନିଜେ ଆସିଲେ ଏ ପାଣ୍ଡୁଲିପି ଓ ଚେକ୍ ତାଙ୍କୁ ଦିଆଯିବ। ତୁମକୁ ନୁହେଁ। ମୁଁ ଯେ ନିଜେ ନାରାୟଣ ବାରିକ୍ ଲେଖକ; ଯେତେ କହିଲେ ବି କିରାଣିବାବୁ ମୋତେ ପ୍ରାପ୍ୟ ଦେବାକୁ ମନାକଲେ।”**


ଏକାଧାରରେ ସେ ଜଣେ କବି, ଗାଳ୍ପିକ, ଇଂଲିଶ ଅନୁବାଦକ, ଶିକ୍ଷାବିତ୍ ଓ କଳାସଂସ୍କୃତି ଅନୁରାଗୀ। ତାଙ୍କ ଦ୍ୱାରା ରଚିତ ଏକାଧିକ ପୁସ୍ତକର ବିଭିନ୍ନ ବିଷୟ କେତେକ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ସ୍ଥାନ ପାଇଛି। ସେ ହେଲେ **ଡ. ନାରାୟଣ ବାରିକ**। ମା’ ଯମୁନା ଦେଈ, ପିତା ସନାତନ ବାରିକ। ଘର ଯାଜପୁର ଜିଲାର ଯାଜପୁର ସଦରଥାନା ଅନ୍ତର୍ଗତ ଗୋବିନ୍ଦପୁର ଗାଁରେ। ସେ କୁହନ୍ତି, ‘ପିଲାଦିନେ ଏକ ଚାଟଶାଳୀରେ ମୋର ପାଠପଢ଼ା ଆରମ୍ଭ ହୋଇଥିଲା। ପରେ ଗୋବିନ୍ଦପୁର, ସୁଜନପୁର ଏବଂ ସାହସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢିଥିଲି। ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ ପ୍ରଥମେ କବିତା ପ୍ରତିଯୋଗିତା ପାଇଁ “କଜଳପାତି ଓ ମାମୁଘର” ନାମରେ ଶିଶୁ କବିତାଟିଏ ଦେଇଥିଲି, ତାହା ପ୍ରକାଶିତ ହୋଇଥିଲା। ଯାହା ମତେ ଉତ୍ସାହିତ କରିଥିଲା। ଏକାଦଶ ପାସ୍ ପରେ ସରକାରୀ ଏନ୍‌ସି କଲେଜ ଯାଜପୁରରେ ଦୁଇ ବର୍ଷ ବିଜ୍ଞାନ ପଢ଼ିଲି। ପରେ ଓଡ଼ିଆ ଅନର୍ସ ସହ ବି.ଏ. ପାସ୍ କଲି। ତା’ପରେ ଉତ୍କଳ ୟୁନିଭର୍ସିଟିରୁ ଓଡ଼ିଆରେ ଏମ୍‌ଏ କଲି। ରିଜିଓନାଲ କଲେଜ୍ ଅଫ୍ ଏଜୁକେଶନ ଭୁବନେଶ୍ୱରରୁ ବିଏଡ୍ ପାସ୍ କଲି। ଏହାପରେ ମୁଁ ରାଧାନାଥ ଟ୍ରେନିଂ କଲେଜ କଟକରୁ ଏମ୍‌ଏଡ୍ କଲି ଏବଂ ୧୯୮୧ରେ ବୋଲଗଡ଼ ବିଏଡ୍ ଟ୍ରେନିଂ କଲେଜରେ ଜଏନ୍ କଲି। ତେବେ ପ୍ରି. ୟୁନିଭରସିଟି ପଢାସମୟରୁ ମୁଁ ଆଧୁନିକ କବିତା ଲେଖାଲେଖି ଆରମ୍ଭ କଲି। ତା’ପରେ ଓଡ଼ିଆ ଅନର୍ସ ନେଇ ଦୁଇ ବର୍ଷ ଡିଗ୍ରୀ କୋର୍ସ ପଢ଼ିବା ସମୟରେ କ୍ଷୁଦ୍ରଗଳ୍ପ ଲେଖାଲେଖି ଆରମ୍ଭ କଲି। ଏମିତିରେ ଥରେ ସାହିତ୍ୟ ଏକାଡେମୀ କଲ୍‌ଚରାଲ ଆଫେୟାର୍ସ ତରଫରୁ ପାଞ୍ଚଟି ପାଣ୍ଡୁଲିପି ମନୋନୀତ ହେବାରୁ ପ୍ରଥମ ଓ ସର୍ବୋଚ୍ଚ ସାହାଯ୍ୟ ୧୫୦୦ ଟଙ୍କା ମିଳିଥିଲା। ସେତେବେଳେ ମୋର ପାଣ୍ଡୁଲିପି ଓ ଚେକ୍ ପାଇଁ ସାହିତ୍ୟ ଏକାଡେମୀରେ ପହଞ୍ଚି ବିଭାଗୀୟ କିରାଣି ବାବୁଙ୍କୁ ସ୍କ୍ରିପ୍ଟ ଏବଂ ଚେକ୍ ରିଲିଜ୍ କରିବାକୁ ଚିଠି ଦେଖାଇଲି ଓ ପରିଚୟଦେଇ କହିଲି ସେ ମୋତେ ବିଶ୍ୱାସ କରିପାରି ନ ଥିଲେ। ତାଚ୍ଛଲ୍ୟକରି କହିଥିଲେ ୨୨ବର୍ଷର ଜଣେ ଲମ୍ବା ଯୁବକ ହିପି କେଶ ରଖି ଏମ୍‌ଏ ପଢୁଛି– ଅଥଚ କହୁଛି ଏ ବହିଟା ମୁଁ ଲେଖିଛି! ସେ ମୋତେ ଚିହ୍ନିବା ପାଇଁ ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ନିରିଖେଇଥିଲେ। ଆଉ କହିଥିଲେ,ଏମ୍‌ଏ କ୍ଲାସ୍‌ରେ ପଢ଼ି ମିଛ କହୁଛ ! ତୁମ ବାପା ନାରାୟଣ ବାରିକ୍‌ଙ୍କୁ କହିବ ସେ ନିଜେ ଆସିଲେ ଏ ପାଣ୍ଡୁଲିପି ଓ ଚେକ୍ ତାଙ୍କୁ ଦିଆଯିବ। ତୁମକୁ ନୁହଁ! ମୁଁ ଯେ ନିଜେ ନାରାୟଣ ବାରିକ୍ ଲେଖକ ; ଯେତେ କହିଲେ ବି କିରାଣିବାବୁ ମୋତେ ପ୍ରାପ୍ୟ ଦେବାକୁ ମନାକଲେ। ପ୍ରବନ୍ଧ ପାଣ୍ଡୁଲିପି ପାଇଁ ମୋ ପାଖରେ ଉପସ୍ଥିତ ଥିବା ତଥା ପଞ୍ଚମ ସ୍ଥାନ ଅଧିକାର କରିଥିବା ଜଣେ ପଞ୍ଚସ୍ତରୀ ବର୍ଷ ବୟସ୍କ ବ୍ୟକ୍ତି ଧୀରେନ୍ ପଟ୍ଟନାୟକ କିରାଣିବାବୁଙ୍କୁ ଡାକି ସମସ୍ତ କଥା ବୁଝାଇଦେବାରୁ କିରାଣିବାବୁ ଜଣକ ନିଜ ଭୁଲ୍ ପାଇଁ ବହୁତ ଦୁଃଖ ପ୍ରକାଶ କରିଥିଲେ। ତା’ପରେ ଆସିଷ୍ଟାଣ୍ଟ ଡାଇରେକ୍ଟରଙ୍କ କହିବା ମୁତାବକ ମୋ ସ୍କ୍ରିପ୍ଟ ଫେରସ୍ତ ସହ ୧୫ଶହ ଟଙ୍କାର ଚେକ୍ ମୋତେ ମିଳିଥିଲା। ବହିଟିର ପ୍ରକାଶନ ପରେ ୨୧ଟି କପି ସାହିତ୍ୟ ଏକାଡେମୀ ଅଫିସରେ ମୋତେ ଦାଖଲ କରିବାକୁ ପଡ଼ିଥିଲା ଏକଥା ମୋର ସବୁଦିନ ମନେରହିଥିବ । ମୋର ତିନୋଟି କ୍ଷୁଦ୍ରଗଳ୍ପ ସଂକଳନ ‘ସବୁଜ ସ୍ୱାକ୍ଷରର ମୃତ୍ୟୁ’, ‘କାଚଘରର ବୁଦ୍ଧ ମୂର୍ତ୍ତି’ ଓ ‘ପୁନଶ୍ଚ ଅହଲ୍ୟା’ ପୁସ୍ତକ ପ୍ରକାଶ ପାଇଛି। ଚତୁର୍ଥ ଗଳ୍ପ ସଂକଳନ ‘ବିସ୍ମୃତ ଲହରି’ ପ୍ରକାଶ ଅପେକ୍ଷାରେ। ତା’ ଛଡ଼ା ମୋର କବିତା ସଂକଳନ ‘ପାଣି ତଳର ଜହ୍ନ’ ଏବଂ ‘ପ୍ରିୟତମା’ ପୁସ୍ତକ ପ୍ରକାଶିତ ଓ ‘କାଚକାନ୍ଥ’ କବିତା ସଂକଳନ ଓ ‘ଅଜାଙ୍କ ଜୋଇଁ ବେଶ’ ଶିଶୁ କବିତା ସଂକଳନ ପ୍ରକାଶିତ ହୋଇଛି। ପୂର୍ବରୁ ଶିଶୁ କବିତା ସଂକଳନ ‘କଜଳପାତି ଓ ମାମୁଘର’ ପ୍ରକାଶ ପାଇସାରିଛି। କିଛିବର୍ଷ ଶିଶୁପତ୍ରିକା ‘ବାଇ ଚଢ଼େଇ’ର ସମ୍ପାଦକ, ଦ୍ୱିଭାଷୀ ଅର୍ଥାତ୍ ଇଂଲିଶ ଓ ଓଡ଼ିଆ ପତ୍ରିକା ‘ଭାଷା’ର ମୁଖ୍ୟ ସମ୍ପାଦକ ଓ ଇଂଲିଶ ଶିକ୍ଷା ପତ୍ରିକା ‘ଏଜୁକେଶନ ଟୁଡେ’ର ମୁଖ୍ୟ ସମ୍ପାଦକଭାବେ ଦାୟିତ୍ୱ ତୁଲାଇଛି। ତା’ଛଡ଼ା ଅଲ୍ ଇଣ୍ଡିଆ ଏଜୁକେଶନାଲ ହେଲ୍‌ଥ ଆଣ୍ଡ ଲିଟରାରି ଟ୍ରଷ୍ଟ ଭୁବନେଶ୍ୱର ଓ ‘ସମ୍ପର୍କ’ ଯାଜପୁରର ସଭାପତି ଅଛି। ଶିକ୍ଷା ବିଭାଗରେ ଅଧ୍ୟାପନା କରିବା ସହ ଶିକ୍ଷା ସମ୍ପର୍କିତ ପୁସ୍ତକ ମଧ୍ୟ ଲେଖିଛି। ଯାଜପୁର ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟରେ ଗୋଟିଏ ବର୍ଷ ପାଇଁ ପ୍ରିନ୍ସିପାଲ ଭାବେ କାର୍ଯ୍ୟ ତୁଲାଇଛି। କିନ୍ତୁ ଏମ୍‌ଏଡ୍ କରି ବୋଲଗଡ଼ ଟ୍ରେନିଂ କଲେଜରେ ଜଏନ୍ କରିବା ପରେ ‘ଶିକ୍ଷା’ ଉପରେ ଏକାଧିକ ବହି ଲେଖାଲେଖି କରିଥିଲି। ଶିକ୍ଷା ବିଷୟ ଉପରେ ମୋର ଉଭୟ ଓଡ଼ିଆ ଓ ଇଂଲିଶରେ ୫୦ରୁ ଊର୍ଦ୍ଧ୍ୱ ବହି ଓଡ଼ିଶା ଓ ସର୍ବଭାରତୀୟ ସ୍ତରରେ ପ୍ରକାଶ ପାଇ ଯୁକ୍ତ ୨ ଠାରୁ ଏମ୍‌ଏ, ବିଏଡ୍ ଓ ଏମ୍‌ଏଡ୍ ଶ୍ରେଣୀ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଛି। ଓଇଏସ୍ ପାଇବା ପରେ ୧୯୯୪ରୁ ସରକାରୀ ଟ୍ରେନିଂ କଲେଜରେ ଶିକ୍ଷା ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛି। ଅଧ୍ୟାପକ, ପ୍ରାଧ୍ୟାପକ ଓ ପ୍ରିନ୍ସିପାଲ ଦାୟିତ୍ୱରେ ରହି କାର୍ଯ୍ୟ କରିବା ସହିତ ଶିକ୍ଷା ଓ ସାହିତ୍ୟ ଉଭୟକୁ ଗୁରୁତ୍ୱ ଦେଇଥାଏ। ବର୍ତ୍ତମାନ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା ବିଭାଗରେ ଓଡ଼ିଆ ଭାଷା ପ୍ରଶିକ୍ଷଣ ବିଶେଷଜ୍ଞ ଭାବେ କାମ କରୁଛି। ସରକାରୀ କଲେଜ, ଉତ୍କଳ ଓ ବାରିପଦା ତଥା ପଶ୍ଚିମବଙ୍ଗର କଲ୍ୟାଣୀ ଓ ବର୍ଦ୍ଧମାନ ୟୁନିଭରସିଟିରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଓ ଭାଷା ଉପରେ ଶିକ୍ଷାଦାନ କରି ମୁଁ ବେଶ୍ ଆତ୍ମତୃପ୍ତି ଲାଭ କରୁଛି।

ମୋ ମତରେ ଜୀବନର ଅନ୍ୟ ନାମ କବିତା। ଶିକାରୀର ଶରାଘାତରେ ଚକୋର ଚକୋରିଙ୍କ ପ୍ରତିମୟ ପ୍ରାଣମୟ କରୁଣ ଝଙ୍କାର ସେଦିନ ବାଲ୍ମିକୀଙ୍କୁ ଭାବ ବିହ୍ୱଳ କରି ଦେଇଥିଲା। ଆଉ ଯେଉଁଠୁ ମହାକାବ୍ୟ ରାମାୟଣର ସୃଷ୍ଟି। ମୋ କବିତାରେ ସେମିତି ପ୍ରୀତିମୟ ସ୍ୱର ଗୁଞ୍ଜରିତ। ପ୍ରକୃତି ମୋର ମୁଖ୍ୟ ଆକର୍ଷଣ।

**–ବନବିହାରୀ ବେହେରା**












# ଭଲଲାଗେ

–ସୁନୀତା ନାୟକ

ତୁମ ମନରୁ ଶବ୍ଦ ଚୋରାଇ
ମୋ ହୃଦୟରେ କବିତା ଲେଖିବାକୁ।

ମିଠା ଲାଗେ
ତୁମ ସ୍ମୃତିରେ ହଜିଯାଇ
ଉଜାଗରେ ରାତି କାଟିବାକୁ।
ଅଧିର ହୁଏ
ତୁମ ବାସ୍ନାରେ ଭିଜିଯାଇ
ନିଜ ଭିତରେ ତୁମକୁ ଖୋଜିବାକୁ

ଖୁସି ହୁଏ
ତୁମ ମୁହଁରୁ ମୋ ନାଁ ଶୁଣି
ପ୍ରେମ ପାରାବାରେ ବୁଡିବାକୁ।
ରାଗ ଲାଗେ
କୋଉ ରୂପସୀର ପ୍ରଶଂସାରେ
ତୁମ ମୁହେଁ ହସ ଦେଖିବାକୁ।

ଦୁଃଖ ଲାଗେ
ଯେବେ ଚାଲି ଯାଅ ତୁମେ
ଆଖି ଆଢୁଆଳୁ ଦୂରକୁ ଦୂରକୁ ।।

–ଭୁବନେଶ୍ୱର, ମୋ: ୯୮୬୧୮୦୧୩୯୬

# ବର୍ଷାର ଚାରୋଟି ସ୍କେଚ୍

–ରଶ୍ମିରେଖା ଦାସ

॥୧॥

ଦୀର୍ଘ ଦୁଇଘଣ୍ଟା ହେବ ରୂପାଲି ଛାତ ଉପରେ ବର୍ଷାରେ ଓଦା ହେଉଛି। ବୋଉ ତାର କେତେ ଗାଳି କରି ସାରିଲେଣି, 'ବାପା ଆସନ୍ତୁ ତୋ କଥା ବୁଝିବେ'। ରୂପାଲି ସବୁକିଛି ଶୁଣି ନ ଶୁଣିଲା ପରି ସ୍ଥିର ହେଇ ଠିଆ ହେଇଥିଲା। ତାକୁ ବୋଉର ଗାଳି କି ବାପାଙ୍କ ଆକଟ ନୁହଁ, ବର୍ଷା ଛାଡ଼ିଗଲେ ଆଖିଲୁହ ଧରାପଡ଼ିଯିବାର ଭୟ ବେଶି ଘାରୁଥିଲା।

॥୨॥

ହାଡୁଆ ଦେହରେ ଗାମୁଛାଟେ ପକେଇ ମୁଣ୍ଡରେ ହାତ ଦେଇ ଓଦା ମାଟିପିଣ୍ଡାରେ ବସିଛି ରଘୁଆ। ସାମ୍ନାରେ ଖାଲି ପାଣି। ମାଟି ଅଗଣାରେ ସଦ୍ୟ ଝୋଟି ଗାର ଧୋଇ ଗଲାଣି। ବାହାବେଦି, ବରଯାତ୍ରୀଙ୍କ ପାଇଁ ରନ୍ଧା ଭୋଜିଭାତ, ମଙ୍ଗଳ କଳସ ସବୁ କିଛି ଭାସୁଛି ପାଣିରେ। ତା' ସହ ଭାସିଯାଉଛି ରଘୁଆର ବିଗତ ତେଇଶ ବର୍ଷର ପୁଞ୍ଜି ଓ ନିଜ ଘର ବନ୍ଧା ରଖି ଝିଅ ବାହାଘର ପାଇଁ ମହାଜନଠୁ ସୁଧରେ ଆଣିଥିବା ଟଙ୍କା।

॥୩॥

ଅଫିସ ପଛ ପାଖ ବସ୍ତି ରାସ୍ତା ଦେଇ ରମେଶ ବାବୁ ଚାଲି ଚାଲି ଘରକୁ ଫେରୁଛନ୍ତି। ଆକାଶରେ କଳାହାଣ୍ଡିଆ ମେଘ। ହେ ଭଗବାନ! ବହୁତ ଜୋରରେ ବର୍ଷା ହେଉ, କାଲି ରବିବାର ଅଛି, ଛୁଟିଦିନ ଆରାମରେ ମଣିଷ ଶୋଇବ ଟିକେ। ''ଠାକୁର ଆଉ ବର୍ଷା କରନାହିଁ ଆମ ସମସ୍ତଙ୍କ ଘରସାରା ପାଣି ହେଇଯାଇଛି, ବସିବାକୁ ଜାଗା ନାହିଁ'' ନିଜ ଘରର ପଲିଥିନ ସଜାଡୁ ସଜାଡୁ ଛୋଟ ଝିଅଟି କହିବାର ଶୁଣିଲେ ରମେଶ ବାବୁ। ଏବେ ତାଙ୍କ ଆଖିରେ ଅନୁତାପର ଲୁହ।

॥୪॥

କେତେ ବର୍ଷାରେ ଓଦା ହେଇ ପର ବିଲବାଡ଼ିରେ କାମ କରି ପୁଅକୁ ସରକାରୀ ଚାକିରି କରେଇଛନ୍ତି ଶ୍ୟାମଘନ ଆଉ ତା' ସ୍ତ୍ରୀ। ଏ ସନ ବର୍ଷାଋତୁ ଆରମ୍ଭରୁ ଶ୍ୟାମଘନ ଦେହ ଖରାପ ହେବାରେ ଲାଗିଛି। ଗାଆଁ ଔଷଧ କାମ ନ କରିବାରୁ ବାପାକୁ ସହର ଡାକ୍ତରପାଖକୁ ନବା ପାଇଁ ପୁଅ ପାଖକୁ ଫୋନ କରିଥିଲା ବୁଢ଼ୀ। ''ମୋ ଘରେ ଛୋଟ ପିଲା, ଏବେ ବର୍ଷା ସିଜନରେ ଇନ୍‌ଫେକ୍‌ଶନ ହେବାର ଚାନ୍ସ ଅଛି, ତେଣୁ ବର୍ଷା ଦିନ ସରୁ ଦେଖିବା'' କହି ଫୋନ କାଟିଦେଲା ଶ୍ୟାମଘନ ପୁଅ ସୁଶାନ୍ତ।

–ମଧୁସୂଦନ ନଗର, କଟକ
ମୋ: ୭୦୬୪୭୨୮୧୪୫

# ତୋ ପାଇଁ...

– ରଜତ ମହାନ୍ତି

ଏ ପ୍ରଶ୍ନ ଆଜି ବି
ପ୍ରତିଥର ପରି
ଉତ୍ତର ଟିଏ ମୋ–
ଭିତରୁ ଖୋଜେ,
''ବରଷା ଆସିଲେ
ତୁ ମନେ ପଡୁ
. ନା
ତୁ ମନେପଡ଼ିଲେ
ବରଷା ଆସେ ?''

ବଳଗଣ୍ଡି, ପୁରୀ
ମୋ: ୮୯୦୮୦୬୬୫୬୨



# ନୋରାଙ୍କ ସଜବାଜ



ନୋରା

ନୋରା ଫତେହିଙ୍କୁ ନେଇ ଏବେ ଚର୍ଚ୍ଚା। ୟା' ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ କେବଳ ଗୋଟିଏ ଗୀତରେ ହିଁ ଦେଖିବାକୁ ମିଳିବ। ସେ ଯାହା ହେଉ ନା କାହିଁକି, ଏଭଳି ଅଫରଟିଏ ପାଇବା ପରେ ତାଙ୍କର ଖୁସି କାହିଁରେ କେତେ। ଏବେ ସେ ଏହି ସୋଲୋ ଗୀତକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଅଣ୍ଟା ଭିଡିସାରିଲେଣି। ଅର୍ଥାତ୍, ଏହି ଗୀତ ପାଇଁ ନୋରା ପ୍ରାକ୍ଟିସରେ ବ୍ୟସ୍ତ ଅଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଅନଟାଇଟଲଡ୍ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।' ତେବେ ନୋରାଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।



ଭୂମି

# କଥା ବାରବର୍ଷର

ୟାମି ଗୌତମଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର'। ଏହାପୂର୍ବରୁ ସେ କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରେ ଅଭିନୟ କରିସାରିଥିଲେ। ଯେତେବେଳେ ସେ ପାଠ ପଢୁଥିଲେ ତାଙ୍କର ଆକ୍ଟିଂ ପ୍ରତି ଆଗ୍ରହ ନ ଥିଲା। ପାଠ ପଢ଼ି ସେ ପ୍ରଥମେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଆଶା ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଓକିଲ ହେବାକୁ ଚାହିଁଲେ। ହେଲେ ଶେଷରେ ଅଭିନୟ ମାୟାରେ ସେ ପଡିଯାଇଥିଲେ। ୨୦୧୨ରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ୟା ଭିତରେ ୧୨ ବର୍ଷ ବିତିଗଲାଣି। ନିଜ ଅଭିନୟ କ୍ୟାରିୟରକୁ ନେଇ ସେ ବେଶ୍ ସନ୍ତୁଷ୍ଟ। ଏ ସମ୍ପର୍କରେ ୟାମି କହନ୍ତି, 'ଇତି ମଧ୍ୟରେ ବାର ବର୍ଷ ବିତିଗଲାଣି। ପାଠ ପଢ଼ିଲା ବେଳେ ଆଇଏଏସ ଅଫିସର ନ ହେଲେ ଓକିଲ ହେବାକୁ ଚାହିଁଥିଲି। ତାହା ତ ହୋଇପାରିଲା ନାହିଁ। ଶେଷରେ ଆକ୍ଟିଂକୁ ଆପଣେଇ ନେଲି। ହିନ୍ଦୀ ସିନେମାରେ ଆଜି ମୁଁ ତିଷ୍ଠି ରହିଛି କେବଳ ଦର୍ଶକଙ୍କ ପାଇଁ। ସେମାନେ ମୋତେ ଯେଉଁ ଭଲ ପାଇବା ଦେଇଛନ୍ତି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ। ବିଶେଷ ଭାବରେ ଆୟୁଷ୍ମାନ ଖୁରାନାଙ୍କ ଅଭିନୟ ମୋତେ ବେଶ୍ ପ୍ରଭାବିତ କରିଛି।' ଅନ୍ୟପକ୍ଷରେ ୟାମିଙ୍କ ଅଭିନୀତ ଶେଷ ଫିଲ୍ମ 'ଆର୍ଟିକଲ୍ ୩୭୦' ଚଳିତ ବର୍ଷ ଫେବୃୟାରୀରେ ରିଲିଜ ହୋଇଥିଲା।



ଆୟୁଷ୍ମାନ-ୟାମି

# ପୁଣିଥରେ ଅକ୍ଷୟ-ଭୂମି ଯୋଡ଼ି

କଥାରେ ଅଛି, ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଏକଥା ଭୂମି ପେଦନେକରଙ୍କ ଠାରେ ଘଟିଥିବା ଦେଖିବାକୁ ମିଳିଛି। କଥା କ'ଣ କି ଭୂମିଙ୍କର ଆଶା ଥିଲା ସେ ପୁଣି ଥରେ ତାଙ୍କ ସହ ସ୍କ୍ରିନ୍ ସେୟାର କରିବେ। ବିଲେଇ କପାଳକୁ ଶିକା ଛିଡିଲା ପରି ଏହି ସୁଯୋଗ ତାଙ୍କୁ ମିଳିଯାଇଛି। ଏବେ ସେ ଯୁଆଡେ ଯାଉଛନ୍ତି ସେହି ଅଭିନେତାଙ୍କୁ ଭୂରି ଭୂରି ପ୍ରଶଂସା କରୁଛନ୍ତି। ହେଲେ ସେ ଆକ୍ଟର ଜଣକ କିଏ ଜାଣିବେନି ? ହଁ, ସେ ହେଲେ ବଲିଉଡ୍‌ର ଖିଲାଡି ମାଷ୍ଟର ଅକ୍ଷୟ କୁମାର। ଖୁବ୍ ଶୀଘ୍ର ଭୂମି ତାଙ୍କ ଅପୋଜିଟ୍‌ରେ ନାୟିକା ସାଜିବାକୁ ଯାଉଛନ୍ତି। ଏ ବିଷୟରେ ଭୂମି କହନ୍ତି, 'ଅବଶ୍ୟ ଏହା ପୂର୍ବରୁ ମୁଁ ଅକ୍ଷୟଙ୍କ ସହ 'ରକ୍ଷାବନ୍ଧନ'ରେ ଅଭିନୟ କରିସାରିଛି। ହେଲେ ଏଥର ଯେଉଁ ନୂଆ ପ୍ରୋଜେକ୍ଟରେ କାମ କରିବାକୁ ଯାଉଛି ତାହାର କାହାଣୀ ଭିନ୍ନ ଧରଣର। ତା'ପରେ ଅକ୍ଷୟଙ୍କ ପରି ନାମୀ ଅଭିନେତାଙ୍କ ଠାରୁ ଅନେକ କିଛି ଶିଖିବାର ଅଛି। ସେ ଜଣେ ଉଦାର ହୃଦୟର ବ୍ୟକ୍ତି। ଅଭିନୟକୁ ନେଇ ପୂର୍ବରୁ ତାଙ୍କଠାରୁ ଅନେକ କଥା ଶିଖିଛି । ଆଉ ଏଥର ବି ମନରେ ଥିବା କେତେକ ପ୍ରଶ୍ନର ଉତ୍ତର ତାଙ୍କ ନିକଟରୁ ନିଶ୍ଚୟ ପାଇଯିବି।' ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ପ୍ରାରମ୍ଭିକ କାମ ଶେଷ ହେବା ପରେ ଚଳିତ ବର୍ଷ ସେପ୍ଟେମ୍ବର ମାସର ଶେଷ ସପ୍ତାହରୁ ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ତବୁ

# ଶିଶୁ କଳାକାରରୁ ନାୟିକା

ବଲିଉଡ୍‌ରେ ତବୁ ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଭାବରେ ବେଶ୍ ପରିଚିତ। ତାଙ୍କ ଅଭିନୀତ ଅନେକ ସିନେମା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ତେବେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଶିଶୁ କଳାକାର ଭାବରେ। ଫିଲ୍ମଟି ଥିଲା 'ବଜାର' (୧୯୮୨)। ଏଥିରେ ସଂଯୋଜିତ ଗୀତ 'ଚଲୋ ଆୟୋ ସେଇୟାଁ'ରେ ସେ ଡ୍ୟାନ୍ସ କରିଥିଲେ। ତା'ପରେ ଦେବାନନ୍ଦଙ୍କ ନିର୍ଦ୍ଦେଶିତ ତଥା ଅଭିନୀତ 'ହମ୍ ନୌଜୱାନ୍'ରେ ପୁଣି ଥରେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରିବାର ସୁଯୋଗ ତାଙ୍କୁ ମିଳିଥିଲା। ୧୯୯୧ରେ କେ. ରାଘବେନ୍ଦ୍ର ରାଓଙ୍କ ନିର୍ଦ୍ଦେଶିତ ତେଲୁଗୁ ଫିଲ୍ମ 'କୁଲି ନଂ ୱାନ୍'ରେ ସେ ନାୟିକା ଭାବରେ ବ୍ରେକ୍ ପାଇଥିଲେ। ଏଥିରେ ତାଙ୍କର ନାୟକ ସାଜିଥିଲେ ଭେଙ୍କଟେଶ। ସେହି ବର୍ଷ ହିଁ ତାଙ୍କୁ ବଲିଉଡ୍‌ରେ ସୁଯୋଗ ମିଳିଥିଲା। ମନମୋହନ ସିଂଙ୍କ ନିର୍ଦ୍ଦେଶିତ 'ପେହଲା ପେହଲା ପ୍ୟାର୍'ରେ ତାଙ୍କୁ ଋଷି କପୁରଙ୍କ ଅପୋଜିଟ୍‌ରେ କାଷ୍ଟିଂ କରାଯାଇଥିଲା। ସେହି ସମୟରେ ବୋନି କପୁରଙ୍କ 'ପ୍ରେମ୍'ରେ ଅଭିନୟ କରିବାର ସୁଯୋଗ ମଧ୍ୟ ମିଳିଥିଲା। କେତେକ କାରଣରୁ ଏହି ଫିଲ୍ମର ଶୁଟିଂ ଶେଷ ହେବାକୁ ପ୍ରାୟ ଆଠ ବର୍ଷ ଲାଗି ଯାଇଥିଲା। ଶୁଣିବାକୁ ମିଳେ ଯେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ବୋନିଙ୍କ ସାନ ଭାଇ ସଞ୍ଜୟ କପୁରଙ୍କ ସହ ତବୁ ସେତେବେଳେ ପ୍ରେମରେ ପଡିଯାଇଥିଲେ। ହେଲେ ଏହି ପ୍ରେମ ବେଶୀ ଦିନ ତିଷ୍ଠି ନ ଥିଲା। ଏପରି କି ଶୁଟିଂ ସେଟ୍‌ରେ ଦୁହେଁ କଥାବାର୍ତ୍ତା କରୁ ନ ଥିବାର ଦେଖିବାକୁ ମିଳିଥିଲା।

# ଦର୍ପଣ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଦର୍ପଣ'। ଦର୍ପଣ ସାୟନ ପ୍ରଡକ୍ସନ ହାଉସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସ୍‌ପେନ୍ସ ଥ୍ରୀଲର ଭରି ରହିଛି। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲ୍ଲୀପ କୁମାର ସାହୁ । କେବଳ ସେତିକି ନୁହେଁ, ନିର୍ଦ୍ଦେଶନା ଦେବା ସହ ଏହି ସିନେମାରୁ ନାୟକ ଭାବରେ ନିଜର କ୍ୟାରିୟର ଆରମ୍ଭ କରୁଛନ୍ତି ଭାରତ ପୁଷ୍ପରାଗ। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରନମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ବିକଙ୍କୁ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ଶୁଟିଂ ଚାଲୁ ରହିଛି। ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ହ୍ୟୁମାନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ନାଭ୍ୟା। ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ-କମ୍-ନାୟକ ଭାରତ ପୁଷ୍ପରାଗ।



ଭାରତ ପୁଷ୍ପରାଗ-ହିରନମୟୀ

# ଆଦିତ୍ୟଙ୍କ କ୍ୟାମ୍ପରେ ରଣବୀର

ଆଦିତ୍ୟ ଧୀର ନିଜ ଆଗାମୀ ଫିଲ୍ମରେ କାହାକୁ ନାୟକ କରିବେ ତାକୁ ନେଇ ଟେନ୍‌ସନ୍‌ରେ ଥିଲେ। ହେଲେ ଠିକ୍ ବେଳକୁ ତାଙ୍କ ମନକୁ ରଣବୀର ସିଂଙ୍କ କଥା ଆସିଥିଲା। ଆଉ ବିଳମ୍ବ ନ କରି ତାଙ୍କୁ ଯୋଗାଯୋଗ କରିଥିଲେ ଆଦିତ୍ୟ। ରଣବୀର ମଧ୍ୟ ତାଙ୍କୁ ନିରାଶ କରି ନ ଥିଲେ। ଏବେ ଏହି ଫିଲ୍ମର ଶୁଟିଂ ବି ଆରମ୍ଭ ହୋଇଯାଇଛି। ଏ ନେଇ ରଣବୀର କହନ୍ତି, 'ଯେତେବେଳେ ଆଦିତ୍ୟ ମୋତେ ଏହି ଫିଲ୍ମ ବିଷୟରେ ସୂଚନା ଦେଲେ ତାହାକୁ ମୁଁ ଏଡାଇ ଦେଇ ପାରି ନ ଥିଲି। କାରଣ ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଥିଲା। ସେହି ଅନୁସାରେ ଏହାର ଏକ ମନଲାଖି ଟାଇଟଲ ଖୋଜାଚାଲିଛି। ଏବେ ତ ଫିଲ୍ମର ଶୁଟିଂ ଆରମ୍ଭ ହୋଇଗଲାଣି। ପ୍ରାୟ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ଟାଇଟଲ ଘୋଷଣା କରାଯିବ।' ଏହି ସିନେମାରେ ରଣବୀରଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଆର.ମାଧବନ ଏବଂ ଅର୍ଜ୍ଜୁନ ରାମପାଲ ଅଭିନୟ କରୁଛନ୍ତି।



ରଣବୀର

ପ୍ରଥମ ରୋଜଗାର



ସାହିତ୍ୟିକା **ନନ୍ଦିତା ମହାନ୍ତି** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଅଢ଼େଇଶ ଟଙ୍କା ପାଇ ଧନୀ ବୋଲି ଭାବୁଥିଲି

ଏବେ ବି ପ୍ରଥମ ରୋଜଗାର କଥା ଭାବିଲେ ଲୁହ ଲୁହ ହୋଇଯାଏ ମୁଁ। ମୋର ପ୍ରଥମ ରୋଜଗାର ଥିଲା ମାତ୍ର ଦୁଇଶହ ପଚାଶ ଟଙ୍କା। ଏବେ ଏତିକି ଟଙ୍କାର କି ବା ମୂଲ୍ୟ ଅଛି! ହେଲେ ସେତେବେଳେ ସେତିକି ଟଙ୍କା ମୋ ପାଇଁ କୌଣସି ଖଜାନାଠାରୁ କମ୍ ନ ଥିଲା। ସେତିକି ଟଙ୍କାକୁ ନେଇ ମୁଁ ପୂରା ଜାହାଜ ମୂଲେଇବାର ସ୍ୱପ୍ନ ଦେଖିଥିଲି। ମୋର ଜନ୍ମ ରାଉରକେଲା ପରି ଏକ ଶିଳ୍ପ ନଗରୀରେ। ଅଶୀ ଦଶକର କଥା। ସେ ସମୟରେ ତାହା ଏକ କସ୍‌ମୋସିଟି ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ସେଠାରେ ସାମ୍ନାସାମ୍ନି କ୍ୱାର୍ଟରମାନଙ୍କରେ ବିଭିନ୍ନ ଭାଷାଭାଷୀ, ଜାତି-ଧର୍ମ-ବର୍ଣ୍ଣର ମଣିଷମାନେ ଏକାଠି ପରସ୍ପର ସହିତ ସ୍ନେହ, ଆଦର, ଭଲପାଇବାରେ ବାନ୍ଧି ହୋଇ ରହୁଥିଲେ। ଆମର ଥିଲା ଛୋଟ ପରିବାର। ମୋର ଦୁଇ ଭାଇ ଓ ବାବାମାଆ। ମୋ ତଳ ଭାଇଟି ମାମୁଘରେ ରହୁଥିଲା। ତେଣୁ ଆମେ ଭାଇଭଉଣୀ ଘରେ। ବାବା ଷ୍ଟିଲ ପ୍ଲାଣ୍ଟରେ ଚାକିରି କରୁଥିଲେ। ଭଲ ଦରମା। ଆମେ ଖୁବ୍ ଭଲରେ ଚଳୁଥିଲୁ। ଅଭାବ ଅସୁବିଧା କ'ଣ ଜାଣି ନ ଥିଲୁ। ଏବେ ବି ମୁଁ ଭାବେ ମୋର ବାବା ହୁଏତ କେଉଁଠିକାର ରାଜା ନ ଥିଲେ, ହେଲେ ମୁଁ ରାଜକୁମାରୀ ପରି ବଢ଼ିଥିଲି। ବାବାମାଆ କେବେ କିଛି ଜିନିଷ ପାଇଁ ନା କହୁ ନ ଥିଲେ। ତା'ଛଡ଼ା ମୁଁ ଖୁବ୍ ଭଲ ପାଠ ପଢୁଥିଲି। ସବୁବେଳେ କ୍ଲାସରେ ପ୍ରଥମ ହେଉଥିଲି, ସ୍କଲାରଶିପ ପାଉଥିଲି। ଆମ ଆଖପାଖରେ ଥିବା ମଉସା ମାଉସୀ ପିଲାମାନଙ୍କୁ ମୋର ଉଦାହରଣ ଦେଉଥିଲେ। ତେଣୁକରି କେବଳ ଘରେ ନୁହେଁ ପାଖପଡ଼ୋଶୀରେ, ସ୍କୁଲରେ, ସାଙ୍ଗସାଥୀଙ୍କ ମେଳରେ ମଧ୍ୟ ମୋତେ ପର୍ଯ୍ୟାପ୍ତ ସ୍ନେହ ଆଦର, ଭଲପାଇବା ମିଳୁଥିଲା। ସମୟ କଡ଼ ଲେଉଟାଏ। ମୋର ବିବାହ ହୋଇଯାଏ ସତର ବର୍ଷ ବୟସରେ। ପ୍ଲସ ଟୁ ପାସ୍ କରିବା ପରେ। ସ୍ୱାମୀ ବ୍ୟାଙ୍କ ଚାକିରିଆ। ଅଠର ବର୍ଷ ବୟସରେ ମୁଁ ମୋର ସନ୍ତାନକୁ ଜନ୍ମଦିଏ। ତା'ପରେ ପୁଣି ପ୍ଲସ ଥ୍ରୀ ବିଜ୍ଞାନରେ ନାମ ଲେଖାଏ। ବିବାହ ପରେ ମୁଁ ଜୀବନର ଆଉ ଏକ ଦିଗ ସହିତ ପରିଚିତ ହୁଏ। ସ୍ୱାମୀଙ୍କର ବଡ଼ ପରିବାର। ସିଏ ଘରର ବଡ଼ ପୁଅ ଓ ଏକମାତ୍ର ରୋଜଗାରିଆ। ପୂରା ପରିବାରର ଦାୟିତ୍ୱ ତାଙ୍କ ଉପରେ। ଘରେ ବିବାହଯୋଗ୍ୟା ଭାଇଭଉଣୀ। ଗୋଟିଏ ଭଉଣୀର ବିବାହରେ ସିଏ ଅନେକ ଲୋନ, ଧାର କରିପକେଇଥାନ୍ତି। ଯାହା ଦରମା ଆସେ, ସବୁ ଯାଏ ଲୋନ ଧାର ଶୁଝିବାରେ। ସେତେବେଳେ ମାସିକିଆ ସଉଦା ପାଇଁ ମାତ୍ର ଶହେ ଟଙ୍କା ଖର୍ଚ୍ଚ କରିବା ବି ଆମ ପକ୍ଷେ ସମ୍ଭବ ହୁଏନା। ଘରେ ପୁଣି ଗୋଟେ କ୍ଷୀରଖିଆ ଛୁଆ। ଖୁବ୍ କଷ୍ଟକର ସମୟ। ମନେପଡ଼େ ଥରେ ଦୋସା ଖାଇବାକୁ ମାଡ୍ରାସୀ କ୍ୟାଣ୍ଟିନ୍‌କୁ ଯାଇ ପକେଟ୍‌ରେ ତିନି ଟଙ୍କା ପଚିଶ ପଇସା ନ ଥିବାରୁ ଉଠି ଆସିଥିଲୁ ଆମେ ଖାଇବା ଟେବୁଲ ପାଖରୁ। ସେକ୍ଟରରେ ଆମେ ରହୁଥିବା ଫ୍ଲାଟର ସାମ୍ନା ଘରେ ଗୋଟେ ମୁସଲମାନ ପରିବାର ରହୁଥିଲେ। ଆମ ଘରର କବାଟ ଖୋଲିଲେ ତାଙ୍କ ଘର। ବାପମାଆ, ଭାଇଭଉଣୀ, ଭାଉଜ, ପୁତୁରା ଝିଆରୀ ହେଇ ବଡ଼ ପରିବାର। ଘରେ ସମସ୍ତେ ବ୍ୟବସାୟୀ। ବଡ଼ ଭାଇର ଗୋଟେ ଝିଅ। କ୍ଲାସ ଟୁ ରେ ପଢ଼େ, ଇଂଲିଶ୍ ମିଡିୟମରେ। ବେଳେବେଳେ ପାଠ ବୁଝିବାକୁ ମୋ ପାଖକୁ ଆସେ। ଦିନେ ସେଇ ଟିକି ଝିଅର ମାଆ ଆସି ମୋର ଦୁଇ ହାତକୁ ଜାବୁଡ଼ି ଧରି କହିଲେ, ତୁମେ ଟିକେ ୟାକୁ ପଢ଼ାନ୍ତନି। ମୁଁ ଚାହେଁ ସିଏ ତୁମ ପରି ବହୁତ ପାଠ ପଢୁ। ମୋ ପରି ନ ହେଉ। କହିଲା ବେଳେ ତାଙ୍କ ଆଖି କୋଣରେ ଚିକ୍ ଚିକ୍ କରୁଥିଲା ବିନ୍ଦୁଏ ଲୁହ। କିନ୍ତୁ... ମୁଁ କହିବାକୁ ଚାହୁଁଥିଲି, ମୋର ପାଠପଢ଼ା, ଘରଜଞ୍ଜାଳ, ଛୋଟ ଛୁଆ ଏସବୁକୁ ନେଇ କେମିତି ପଢ଼େଇବି। ହେଲେ କାହିଁକି କେଜାଣି ମୋ ମନର କଥା ଓଠର ସରହଦ ଡେଇଁ ପାରିଲାନି। ଆସିୟା ଆସିଲା ପଢ଼ିବାକୁ। ତା' ପରଦିନ ସେଇ କଲୋନୀର ଆଉ ଚାରି ଜଣ ମଧ୍ୟ ଆସିଲେ। ଆଉ ସେଇ ପାଞ୍ଚ ଜଣ ପିଲାଙ୍କୁ ନେଇ ମୋର ପାଠପଢ଼ା ଆରମ୍ଭ ହେଲା। ପର ପରକୁ ଆଉ କିଛି ପିଲା ମଧ୍ୟ ଯୋଡ଼ି ହୋଇଥିଲେ ସେଥିରେ। ଆଉ ଯେଉଁଦିନ ସେଇ ପାଠପଢ଼ା ବାବଦରେ ମୁଁ ମୋର ପ୍ରଥମ ରୋଜଗାରକୁ ହାତରେ ଧରିଲି.....

ସେକଥା ଏବେ ବି ଭାବିଲେ ଆନମନା ହୁଏ ମୁଁ। ମାତ୍ର ଅଢ଼େଇଶ ଟଙ୍କା, ଜଣକା ପଚାଶ ଟଙ୍କା ଲେଖାଏଁ। ହେଲେ ସେଦିନ ସେଇ ପଇସାକୁ ହାତରେ ଧରି ଲାଗିଥିଲା ମୁଁ ଯେମିତି ଏ ଦୁନିଆର ସବୁଠାରୁ ଧନୀ ଲୋକ। ସେଥିରେ ମୁଁ ଦୁନିଆର ସବୁ ସୁଖ କିଣି ଦେଇପାରିବି। ସମସ୍ତଙ୍କର ସବୁ ଅସୁବିଧା ଦୂର କରି ଦେଇପାରିବି। ଏକ ଗଭୀର ଆତ୍ମବିଶ୍ୱାସରେ ଭରି ଯାଇଥିଲା ମନ ଓ ହୃଦୟ। ତା'ପରେ ମୁଁ ଆଉ କେବେ ପଇସା ପାଇଁ କାହା ହାତକୁ ଚାହିଁ ନାହିଁ। କାହାଠାରୁ କ'ଣ ନେଇଛି ମନେନାହିଁ। ହେଲେ ଦେଇଛି ପ୍ରଚୁର। ଆଉ ସେଥିପାଇଁ ମୁଁ ସଦାସର୍ବଦା ନତମସ୍ତକ ଭଗବାନଙ୍କ ନିକଟରେ।

# ସହଜେ ଛାଡେନା ପ୍ରେମର ରଙ୍ଗ, ବଦଳାଇ ଦିଏ ଜୀବନ ଢ଼ଙ୍ଗ

ସାଥୀ

**ପ୍ରଶ୍ନ**–ପ୍ରେମର ସୃଷ୍ଟି ନେଇ ଅନେକ କଥା ଶୁଣିବାକୁ ମିଳିଥାଏ। ତେବେ ଏହାର ପ୍ରକୃତ ସୃଷ୍ଟି କିପରି ହୁଏ କହିବେ କି ସାଥୀ ?

*–ତନ୍ମୟ ମହାକୁଡ, ପୁରୀ*

**ଉତ୍ତର:** ପ୍ରେମର ଆରମ୍ଭ କେମିତି ହୁଏ ତାହା ତର୍ଜମା କଲେ କଥାଟି ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ। ପ୍ରେମ କରିବା ପୂର୍ବରୁ ମନ ପ୍ରଥମେ ପରିଷ୍କାର ରଖନ୍ତୁ। ଯାହାକୁ ମନ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। ମନ ଯଦି ଥରେ ପ୍ରେମ ନିଶାରେ ପଡିଗଲା, ତେବେ ସବୁ କିଛି ବଦଳି ଯାଇଥାଏ। 'ସହଜେ ଛାଡେନା ପ୍ରେମର ରଙ୍ଗ, ବଦଳାଇ ଦିଏ ଜବୀନ ଢ଼ଙ୍ଗ'। ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ୍ ଲଙ୍ଗ୍ ଯୋଡି ହୋଇ ରହିବ।

**ପ୍ରଶ୍ନ**–ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ମୋତେ ଭୁଲ ବୁଝିଲା। ହେଲେ ତାକୁ ମୁଁ ମନରୁ ପାସୋରି ପାରୁନି। କ'ଣ କରିବି ?

*–ରଞ୍ଜିତ କୁମାର, ତାଳଚେର*

**ଉତ୍ତର:** ଯାହା ଉପରେ ଶତ ପ୍ରତିଶତ ଭରସା ରଖି ଆପଣ ପ୍ରେମର ନାଆକୁ ଆଗେଇ ନେଉଥିଲେ ତାହା ଅଧା ବାଟରେ ଦିଗହରା ହୋଇଯାଇଛି। ଏବେ ସେ ପ୍ରେମ ନାହିଁ କି ପ୍ରେମିକା ନାହିଁ। ତେଣୁ ସେପରି ପ୍ରେମର ଦି ଏଣ୍ଡ୍ ହୋଇଯାଇଛି ବୋଲି ଧରିନିଅନ୍ତୁ। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଯଦି ପୁଣି ଥରେ କାହାକୁ ମନର ମାନସୀ ଭାବରେ ଚଏସ୍ କରୁଛନ୍ତି ତେବେ ସେହି ସମୟରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ। ଏବେ ନୂଆ ପ୍ରେମକୁ ଆହୁରି ସରସ ସୁନ୍ଦର କରିବା ପାଇଁ ପୁରୁଣା ପ୍ରେମକୁ ସମ୍ପୂର୍ଣ୍ଣ ଭାବରେ ମନରୁ ପୋଛି ଦିଅନ୍ତୁ।

**ପ୍ରଶ୍ନ**– ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଯାହା ଅନୁମାନ କରୁଛି ସେ ମୋତେ ପ୍ରେମର ଇସାରା ଦେଉଛି। ହେଲେ ତାକୁ କେମିତି ଆପଣେଇ ନେବି ଜାଣିପାରୁନି। କ'ଣ କରିବି ?

*–ଦିବାକର ସାହୁ, ରାଉରକେଲା*


**ଉତ୍ତର:** ଯଦି ଜାଣୁଛନ୍ତି କଥା ଏତେବାଟ ଆଗେଇ ଗଲାଣି ତେବେ ଡେରି କରୁଛନ୍ତି କିଆଁ ? ପ୍ରେମରେ ସବୁବେଳେ ଶୁଭସ୍ୟ ଶୀଘ୍ରମ। ବିଳମ୍ବ କଲେ ହୁଏତ ଚାନ୍ସ ହାତରୁ ଖସି ଯାଇପାରେ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। କାରଣ ଅନେକ ସମୟରେ ଇସାରାରୁ ପ୍ରେମର ସୃଷ୍ଟି ହୋଇଥାଏ। ଯଦି ତାହାକୁ ଦେଖି ଜାଣିପାରୁଛନ୍ତି ଯେ ସେପଟୁ ଗ୍ରୀନ୍ ସିଗନାଲ ରହିଛି, ତେବେ ବାସ୍, ସେହି ମନର ମାନସୀକୁ ନିଜ ମନର ସ୍ୱତନ୍ତ୍ର କୋଣରେ ରଖି ଦିଅନ୍ତୁ।

**ପ୍ରଶ୍ନ**–ମୋତେ ଯିଏ ପ୍ରେମ କରୁଛି, ସେ ମୋତେ ବ୍ଲାକମେଲିଂ କରିବା ଭଳି ଲାଗୁଛି। ଭାବୁଛି ତାକୁ ମନରୁ ଆଉଟ୍ କରିଦେବି। ହେଲେ ସାହସ ହେଉନି। ଏ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ?


*–ଅମିତାଭ ସାହୁ, କଟକ*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି ଆପଣ ପ୍ରେମ ଆକାଶରେ ତ୍ରିଶଙ୍କୁ ପରି ଝୁଲି ରହିଛନ୍ତି। ପ୍ରେମରେ ଯେତେବେଳେ ମନରେ ସନ୍ଦେହର ବାଦଲ ଭାସିବୁଲେ ସେତେବେଳେ ପାଣିପାଗ ବିଗିଡିବା ଆରମ୍ଭ କରେ। ଆରମ୍ଭରୁ ମିଠା ଲାଗୁଥିବା ପ୍ରେମର ସ୍ୱାଦ ଚାହୁଁ ଚାହୁଁ ପିତା ଲାଗେ। ପ୍ରେମ ହୋଇଯାଏ ରଙ୍ଗହୀନ, ସ୍ୱାଦହୀନ। ସେପରି ପ୍ରେମକୁ ଭରସା କରି ଆଗେଇଲେ ତାହା ମରିଚିକା ପଛରେ ଦଉଡିବା ଭଳି ହୋଇଥାଏ। ତେଣୁ ଯଦି ଜାଣୁଛନ୍ତି ଯେ ସେହି ପ୍ରେମିକା ଆପଣଙ୍କୁ ବ୍ଲାକ୍‌ମେଲିଂ କରିବା ଆରମ୍ଭ କଲାଣି ତେବେ ତାହାର ଜଲଦି କିଛି ବ୍ୟବସ୍ଥା କରନ୍ତୁ। ନ ହେଲେ ନେଡି ଗୁଡ କହୁଣୀକୁ ବୋହି ଗଲେ କେବଳ ଅନୁତାପ କରିବା ହିଁ ସାର।





# ଏମିତି ବି ଥିଲା ଟ୍ୟାକ୍ସ



ସରକାର ଜନସାଧାରଣଙ୍କ ଉପରେ ଲଗାଇଥାନ୍ତି ବିଭିନ୍ନ ପ୍ରକାରର ଟ୍ୟାକ୍ସ ବା କର। ଆଉ ସେହି କରରୁ ସଂଗୃହୀତ ଅର୍ଥରେ କରାଯାଏ ବିଭିନ୍ନ ସାର୍ବଜନୀନ କାର୍ଯ୍ୟ। ତେବେ ଏହି କର ବ୍ୟବସ୍ଥା ଏବେକାର ନୁହେଁ ବହୁ ପୂର୍ବରୁ ଏହା ଚାଲିଆସୁଛି। କେବେକେବେ ତ ଏଭଳି ଅଜବ କର ଲାଗୁ କରାଯାଇଥିଲା ଯେ, ଯାହା ସମ୍ପର୍କରେ ଜାଣିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗେ...



**ବକ୍ଷ ଘୋଡ଼ାଇବା ପାଇଁ ଟ୍ୟାକ୍ସ:** ଆଜି ଆମ ପାଖରେ ସ୍ୱାଧୀନତା ଅଛି, ଆମେ ନିଜ ମନ ମୁତାବକ ପୋଷାକ ପିନ୍ଧି ଶରୀରକୁ ଢାଙ୍କି ପାରୁଛେ। ହେଲେ ଏମିତି ସମୟ ଥିଲା, ଯେତେବେଳେ ନୀଚ ଜାତିର ମହିଳାଙ୍କୁ ନିଜ ମନ ମୁତାବକ ପୋଷାକ ପିନ୍ଧିବାର ଅଧିକାର ନ ଥିଲା। ଏମିତିକି ସେମାନଙ୍କର ଅଧିକାର ନ ଥିଲା କି ସେମାନେ ନିଜ ଅଣ୍ଟାଠୁ ଉପର ଭାଗକୁ କୌଣସି ପୋଷାକରେ ଢାଙ୍କି ପାରିବେ। ଅର୍ଥାତ୍ ସେମାନଙ୍କୁ ନିଜ ବକ୍ଷ ଢାଙ୍କି ରଖିବାର ଅଧିକାର ନ ଥିଲା। ବକ୍ଷ ଢାଙ୍କିବାକୁ ହେଲେ ଦେବାକୁ ପଡୁଥିଲା ଟ୍ୟାକ୍ସ ବା କର। ଯାହାକି 'ବ୍ରେଷ୍ଟ ଟ୍ୟାକ୍ସ' ବା 'ସ୍ତନ କର' ଭାବେ ପରିଚିତ ଥିଲା। କେରଳ ଓ ତାମିଲନାଡୁର କିଛି ସ୍ଥାନରେ ଏଭଳି କର ବ୍ୟବସ୍ଥା ଥିଲା। ଏହା ହେଉଛି ପ୍ରାୟ ୨୦୦ ବର୍ଷ ତଳର କଥା। ସେତେବେଳେ କେରଳରେ ସାମନ୍ତବାଦ ପ୍ରଥା ଚାଲିଥାଏ। କେରଳ, ତ୍ରାବାନକୋରର ଅଂଶ ଥାଏ। ତ୍ରାବାନକୋରର ରାଜା ବହୁତ କ୍ରୂର ଥିଲେ। ସେ ଗରିବଙ୍କ ଉପରେ କର ଉପରେ କର ଲଦି ଚାଲିଥିଲା। କେବେ ନିଶ ରଖିବା ଉପରେ କର, କେବେ ମାଛ ଜାଲ ରଖିଲେ କର, ପୁଣି କେବେ ଆଭୂଷଣ ପିନ୍ଧିଲେ ଓ ଘରେ ଦାସ ରଖିଲେ ବି କର ଦେବାକୁ ପଡୁଥିଲା ଲୋକଙ୍କୁ। ତେବେ ସବୁଠୁ ଘୃଣ୍ୟ କର ଥିଲା ନୀଚ ଜାତିର ମହିଳାଙ୍କୁ ନିଜ ବକ୍ଷ ତଥା ସ୍ତନ ଘୋଡ଼ାଇବା ଲାଗି କର ଦେବାକୁ ହେଉଥିଲା। ଯାହାକୁ ମାଲୟାଲମ୍‌ରେ 'ମୁଲ୍ଲକରମ୍' ବା 'ସ୍ତନ କର' କୁହାଯାଉଥିଲା। କେବଳ ସେତିକି ନୁହେଁ ସ୍ତନର ଆକାର ମାପି କର ନିର୍ଦ୍ଧାରଣ କରାଯାଉଥିଲା। ଏହି ଘୃଣ୍ୟ କର ବିରୋଧରେ ନଙ୍ଗୋଲି ନାମ୍ନୀ ଜଣେ ନୀଚ ଜାତିର ମହିଳା ବିଦ୍ରୋହ ଆରମ୍ଭ କରିଥିଲେ। ସେ କର ନ ଦେଇ ସ୍ତନ ଘୋଡ଼ାଇବାର ଦୁଃସାହସ କରିଥିଲେ। ଏହା ଜଣାପଡ଼ିବା ପରେ ତାଙ୍କୁ ଦଣ୍ଡିତ କରିବା ପାଇଁ ଆସିଥିବା ଅଧିକାରୀଙ୍କୁ ନଙ୍ଗୋଲି ଏଭଳି ଭେଟି ଦେଇଥିଲେ ଯାହାକୁ ଦେଖି ସମସ୍ତଙ୍କ ହୋସ୍ ଉଡ଼ିଯାଇଥିଲା। ନଙ୍ଗୋଲି ନିଜ ହାତରେ ନିଜ ସ୍ତନକୁ କାଟି କଦଳୀ ପତ୍ରରେ ରଖି ଅଧିକାରଙ୍କୁ ପ୍ରଦାନ କରିଥିଲେ। ରକ୍ତର ସୁଅ ଛୁଟୁଥିବା ସେହି ସ୍ତନକୁ ଦେଖି ଅଧିକାରୀ ସ୍ତବ୍ଧ ହୋଇଯାଇଥିଲେ। ଏହି ଘଟଣାରେ ନଙ୍ଗୋଲିଙ୍କର ମୃତ୍ୟୁ ହୋଇଗଲା। ହେଲେ ନଙ୍ଗୋଲିଙ୍କର ଏଭଳି ବିଦ୍ରୋହ ଓ ମହାନ୍ ତ୍ୟାଗ ଯୋଗୁ ପରେ ଏହି କର ବନ୍ଦ କରାଗଲା। ତ୍ରାଭନକୋର୍‌ର ମହିଳାମାନେ ନିଜ ବକ୍ଷକୁ ସ୍ୱାଧୀନଭାବେ ଘୋଡାଇପାରିଲେ। ଐତିହାସିକମାନେ ଏହି ବିଦ୍ରୋହକୁ 'ଥୋଲ ସିଲାଇ ପୋରାଡ୍ଡମ' ବା 'ଅପର୍ କ୍ଲଥ ରିଭୋଲ୍ଟ' ନାମରେ ନାମିତ କରିଛନ୍ତି।

**ପରିସ୍ରା ଉପରେ ଟ୍ୟାକ୍ସ:** ପୁରାତନ ରୋମରେ ଏହି ଟ୍ୟାକ୍ସ ଆରମ୍ଭ ହୋଇଥିଲା। ମାନବ ପରିସ୍ରାକୁ ସେତେବେଳେ ବହୁ ମୂଲ୍ୟବାନ୍ ପଦାର୍ଥଭାବେ ଗଣନା କରାଯାଉଥିଲା। ଶରୀରରେ ଟ୍ୟାନ୍ ହୋଇଥିଲେ ତାକୁ ଦୂର କରିବା ପାଇଁ ପରିସ୍ରାକୁ ବ୍ୟବହାର କରାଯାଉଥିଲା। କପଡ଼ା ସଫା କରିବା ଓ ଦାନ୍ତ ସଫା କରିବା ଲାଗି ବି ଏହାର ବ୍ୟବହାର ହେଉଥିଲା। କାରଣ ଏଥିରେ ଆମୋନିଆ ଥାଏ। ପରେ ଏହାର ବ୍ୟବସାୟୀକରଣ ହେବାକୁ ଲାଗିଲା। ଯାହାକୁ ଦେଖି ରୋମର ରାଜା ଭେସ୍ପାସିଆନ, ପରିସ୍ରା କିଣିବା ଉପରେ କର ଲଗାଇଦେଲେ। ଯେବେ ଭେସ୍ପାସିଆନଙ୍କ ପୁଅ ଟାଇମସ୍ ଏହି ନୀତି ଉପରେ ପ୍ରଶ୍ନ ଉଠାଇଥିଲେ। ଭେସ୍ପାସିଆନ ତାଙ୍କ ନାକ ଉପରେ ଏକ ମୁଦ୍ରା ରଖି କହିଥିଲେ– 'ମନି ଡଜ୍ ନଟ୍ ଷ୍ଟିଙ୍କ' ଅର୍ଥାତ୍ 'ଟଙ୍କାରୁ ଦୁର୍ଗନ୍ଧ ଆସି ନ ଥାଏ'।



**ଦାଢ଼ି ଉପରେ ଟ୍ୟାକ୍ସ:** ୧୬୯୮ରେ ରୁଷୀୟାର ସମ୍ରାଟ ପିଟର ୧ ଦାଢ଼ି ଉପରେ କର ଲଗାଇବା ଆରମ୍ଭ କରିଥିଲେ। କାରଣ ତାଙ୍କୁ ଦାଢ଼ି ରଖିବା ପୁରୁଣା ଫ୍ୟାଶନ ପରି ଲାଗୁଥିଲା। ସେ ଏହି କର ଲାଗୁ କରି ରୁଷୀୟ ସମାଜର ଲୋକଙ୍କ ଲୁକ୍ ପଶ୍ଚିମ ଦେଶ ପରି କରିବାକୁ ଚାହୁଁଥିଲେ। ତେଣୁ ଯେଉଁମାନେ ଦାଢ଼ି ରଖିବାକୁ ଚାହୁଁଥିଲେ ସେମାନଙ୍କୁ କର ଦେବାକୁ ପଡୁଥିଲା। ୧୫୩୫ରେ ଇଂଲଣ୍ଡର ସମ୍ରାଟ୍ ହେନେରୀ ଅଷ୍ଟମ ମଧ୍ୟ ଏହି କର ଟୁଡୋର ଇଂଲଣ୍ଡରେ ଲାଗୁ କରାଇଥିଲେ। ଏହାକୁ ବ୍ୟକ୍ତିଙ୍କ ସାମାଜିକ ପ୍ରତିପତ୍ତି ଅନୁସାରେ ଆଦାୟ କରାଯାଉଥିଲା। ହେନରୀ ଅଷ୍ଟମଙ୍କ ପରେ ତାଙ୍କ ଝିଅ ଏଲିଜାବେଥ ପ୍ରଥମ, ନିୟମ କଲେ କି ଦୁଇ ସପ୍ତାହରୁ ଅଧିକ ବଢ଼ିଥିବା ଦାଢ଼ି ଉପରେ ଟ୍ୟାକ୍ସ ଲାଗୁ ହେବ।



**ଝରକା ଉପରେ ଟ୍ୟାକ୍ସ:** ୧୬୯୬ରେ ସର୍ବପ୍ରଥମେ ଏହି କର ଇଂଲଣ୍ଡରେ ଲାଗୁ କରାଯାଇଥିଲା। ଏଥିରେ ଲୋକଙ୍କୁ ଘରର ଝରକା ହିସାବରେ କର ଦେବାକୁ ପଡୁଥିଲା। ଯାହାର ଯେତେ ଅଧିକ ଝରକା ସେ ଦେଉଥିଲେ ସେତେ ଅଧିକ କର। ରାଜାଙ୍କ ରାଜକୋଷ ଖାଲି ଥିବାରୁ ସେ ଏଭଳି ଏକ ଅଜବ କର ଲାଗୁ କରିଥିଲେ। ଏହି କରରୁ ବର୍ଞ୍ଚିବା ଲାଗି ଲୋକେ ନିଜ ନିଜ ଝରକାକୁ ଇଟାଦେଇ ବନ୍ଦ କରିଦେଇଥିଲେ। ହେଲେ ଏଭଳି କରିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାକୁ ଲାଗିଲା। ଫଳରେ ଏହି କରକୁ ନେଇ ବିଦ୍ରୋହ ଆରମ୍ଭ ହେଲା। ଦୀର୍ଘ ୧୫୬ ବର୍ଷର ସଂଘର୍ଷ ପରେ ୧୮୫୧ ମସିହାରେ ଯାଇ ଏହି କର ବନ୍ଦ ହେଲା।



**ହ୍ୟାଟ୍ ଟ୍ୟାକ୍ସ:** ୟୁକେର ପ୍ରଧାନମନ୍ତ୍ରୀ ୱିଲିୟମ ପିଟ୍ ୧୭୮୪ ମସିହାରେ ଟୋପି ପିନ୍ଧିବା ଉପରେ ଟ୍ୟାକ୍ସ ଲାଗୁ କରିଥିଲେ। ଉଦ୍ଦେଶ୍ୟ ଥିଲା ସରକାରଙ୍କ ରାଜସ୍ୱ ବୃଦ୍ଧି କରିବା। ଖାସ୍‌କରି ଧନୀକଙ୍କଠାରୁ ରାଜସ୍ୱ ଆଦାୟ ଉଦ୍ଦେଶ୍ୟ ରଖି ଏହାକୁ ଲାଗୁ କରାଯାଇଥିଲା। କାରଣ ସେତେବେଳେ ଧନୀ ବ୍ୟକ୍ତିମାନେ ହିଁ ବିଭିନ୍ନ ପ୍ରକାରର ହ୍ୟାଟ୍ ପିନ୍ଧୁଥିଲେ। ଗରିବଙ୍କ ପାଖରେ କେବେ ଗୋଟିଏ ଶସ୍ତା ହ୍ୟାଟ୍ ତ କାହାର ଗୋଟେ ବି ହ୍ୟାଟ୍ ରହୁ ନ ଥିଲା। ଆଉ ସବୁ ହ୍ୟାଟ୍‌ର ତଳ ଲାଇନିଂରେ ଏକ ଷ୍ଟାମ୍ପ ଲଗାଯାଉଥିଲା। ଏହି ଟ୍ୟାକ୍ସକୁ ଫାଙ୍କିବାକୁ ଚେଷ୍ଟାକଲେ ଅବା ଷ୍ଟାମ୍ପକୁ ନଷ୍ଟ କରିବାକୁ ପ୍ରୟାସ କରାଗଲେ ମୃତ୍ୟୁ ଦଣ୍ଡ ଦିଆଯାଉଥିଲା। ୧୮୧୧ରେ ଏହି ଟ୍ୟାକ୍ସ ବନ୍ଦ ହୋଇଥିଲା।

**ତାସ୍ ଖେଳିଲେ ଟ୍ୟାକ୍ସ:** ଷୋଡ଼ଷ ଶତାବ୍ଦୀର ପ୍ରାରମ୍ଭିକ ସମୟରେ ତାସ୍ ଖେଳିବା ଉପରେ ଟ୍ୟାକ୍ସ ଲାଗୁ କରାଯାଇଥିଲା। ୧୭୧୦ ମସିହାରେ ଇଂରେଜ ସରକାର ଏହି ଟ୍ୟାକ୍ସକୁ ବୃଦ୍ଧି କରିଦେଇଥିଲେ। ୧୯୬୦ ମସିହା ପର୍ଯ୍ୟନ୍ତ ଏହି ଟ୍ୟାକ୍ସ ଥିଲା।

**ଘଣ୍ଟା ଉପରେ ଟ୍ୟାକ୍ସ:** ହ୍ୟାଟ୍ ଟ୍ୟାକ୍ସ ପରି କ୍ଲକ୍ ଟ୍ୟାକ୍ସ ବି ଧନିକ ଶ୍ରେଣୀର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ୧୭୯୭ ମସିହାରେ ଏହି ବ୍ରିଟିଶ କ୍ଲକ୍ ଟ୍ୟାକ୍ସ ସବୁପ୍ରକାରର ଟାଇମ୍ ପିସ୍ ଯେମିତିକି ହାତଘଣ୍ଟା, କାନ୍ଥଘଣ୍ଟା ଉପରେ ଲାଗୁ କରାଯାଇଥିଲା।





ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## କ୍ଷମା

ପ୍ରଥମ ଥର ପାଇଁ ପପୁ ଏକ ସୁନ୍ଦର ଝିଅ ସହ ବୁଲୁଥାଏ। ଅନେକ ସମୟ ପର୍ଯ୍ୟନ୍ତ କେହି କାହା ସହ କଥା ହେଉ ନ ଥାଆନ୍ତି। ଶେଷରେ ସାହସ କରି ପପୁ ଝିଅକୁ- ମୁଁ ପ୍ରଥମ ଥର ପାଇଁ କୌଣସି ଝିଅ ସହ ମିଶୁଛି। ଯଦି ମୁଁ କିଛି ଭୁଲ୍ କରିଦିଏ ତେବେ ସାନ ଭାଇ ଭାବି କ୍ଷମା କରିଦେବ।

## କଳା

ରାତିରେ ଡେରିରେ ଘରକୁ ଆସିବାରୁ ମା' ଝିଅକୁ- କୁଆଡେ ଯାଇଥିଲୁ ? କୋଉଠି ଥିଲୁ ?

ଝିଅ- ବୟଫ୍ରେଣ୍ଡ ସାଙ୍ଗରେ ଥିଲି।

ମା' ରାଗିକି- ଦିନେ ତୁ ଆମ ସମସ୍ତଙ୍କ ମୁହଁରେ କଳା ବୋଳିଦେବୁ।

ଝିଅ- ଚିନ୍ତା କାହିଁକି କରୁଛ ? ଫେୟାର୍ ଆଣ୍ଡ ଲଭ୍ଲି ତ ଅଛି। ପୁଣି ଗୋରା ହେଇଯିବନି।

## ଚୁଟି

ଜଣେ ବୃଦ୍ଧ ବ୍ୟକ୍ତି ସେଲୁନ୍ ଯାଇଥାଆନ୍ତି। ତାଙ୍କ ମୁଣ୍ଡରେ ମାତ୍ର ୧୦-୧୨ଟି ଚୁଟି ଥାଏ।

ସେ ଯାଇ ସେଲୁନ୍ ଚେୟାର୍‌ରେ ବସିପଡିଲେ।

ସେଲୁନ୍‌ବାଲା ହସି ହସି- ଆଜ୍ଞା, ମୁଁ କେଶ ଗଣିବି ନା, କାଟିବି ?

ବୃଦ୍ଧ ବ୍ୟକ୍ତି- କଲର୍ କରିଦିଅ।







**ବାଘମାନଙ୍କୁ ସୁରକ୍ଷା ଯୋଗାଇ ଦେବାପାଇଁ ଉତ୍ତର ପ୍ରଦେଶର ପିଲିଭିତ୍ ଜିଲାରେ ରହିଛି ଏକ ଅଭୟାରଣ୍ୟ, ଯାହାର ନାଁ ହେଲା ପିଲିଭିତ୍ ବ୍ୟାଘ୍ର ଅଭୟାରଣ୍ୟ। କେବଳ ବାଘ ନୁହେଁ, ଏଠାରେ ଅନ୍ୟ କେତେକ ବନ୍ୟପ୍ରାଣୀଙ୍କୁ ବି ପର୍ଯ୍ୟଟକ ଦେଖିପାରିବେ...**

# ପିଲିଭିତ୍ ବ୍ୟାଘ୍ର ଅଭୟାରଣ୍ୟ

ପିଲିଭିତ୍ ବ୍ୟାଘ୍ର ଅଭୟାରଣ୍ୟ ଭାରତର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ; ଯାହା ଉତ୍ତର ପ୍ରଦେଶର ପିଲିଭିତ୍ ନାମକ ଜିଲାରେ ଅବସ୍ଥିତ। ସୂଚନାନୁଯାୟୀ, ଏହି ସ୍ଥାନରେ ମୁଖ୍ୟତଃ ଶାଳ ଜଙ୍ଗଲ ଥିବାରୁ ବିଭିନ୍ନ ଜଙ୍ଗଲୀ ପଶୁପକ୍ଷୀଙ୍କୁ ଏଠାରେ ଦେଖିବାକୁ ମିଳୁଥିଲା। ଯେଉଁଥିପାଇଁ ପୂର୍ବେ ଏଠାରେ ପଶୁପକ୍ଷୀଙ୍କୁ ଶିକାର କରିବା ସହ ଗଛକାଟି କାଠର ଚୋରା ଚାଲାଣ ବି କରାଯାଉଥିଲା। ଯାହାକୁ ଲକ୍ଷ୍ୟ କରି ସ୍ଥାନୀୟ ସରକାରଙ୍କ ତରଫରୁ କ୍ରମେ ପଶୁପକ୍ଷୀ ଶିକାର ଉପରେ ଏଠାରେ ରୋକ୍ ଲଗାଯିବା ସହ ଏହି ଅଞ୍ଚଳକୁ ଏକ ପ୍ରାଣୀ ସଂରକ୍ଷଣ କେନ୍ଦ୍ର ଭାବେ ଘୋଷଣା କରିବାକୁ ଯୋଜନା କରାଗଲା। ପ୍ରାୟ ୭୩୦.୨୪ ବର୍ଗ କି.ମି ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢି ଉଠିଥିବା ଏହି ସଂରକ୍ଷଣ କେନ୍ଦ୍ରରେ ମୁଖ୍ୟତଃ ବାଘମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବା ପାଇଁ ଯୋଜନା କରାଯାଇ ୨୦୧୪ ମସିହାରେ କିଛି ବାଘଙ୍କୁ ଆଣି ଏଠାରେ ରଖି ଏହାକୁ ଏକ ବ୍ୟାଘ୍ର ଅଭୟାରଣ୍ୟର ମାନ୍ୟତା ଦିଆଗଲା। ବର୍ତ୍ତମାନ ଏହି ଅଭୟାରଣ୍ୟରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବାଘ ଥିବାର ସୂଚନା ରହିଛି। କେବଳ ବାଘ କାହିଁକି ଅନ୍ୟାନ୍ୟ ପଶୁପକ୍ଷୀଙ୍କ ସହ ଏହି ଅଭୟାରଣ୍ୟ ମଧ୍ୟରେ ଥିବା ସରିସୃପ ବିଭାଗରେ ଜାତିଜାତିକା କୁମ୍ଭୀର, ସାପ ତଥା ୫ଟି ପ୍ରଜାତିର ଝିଟିପିଟି ବି ଦେଖିବାକୁ ମିଳିଥାନ୍ତି। ତା'ଛଡ଼ା ଅଭୟାରଣ୍ୟ ମଧ୍ୟରେ ଏକ ସ୍ୱତନ୍ତ୍ର ଆକ୍ୱାରିୟମ୍ ବିଭାଗ ବି କରାଯାଇଛି ; ଯେଉଁଥିରେ ପ୍ରାୟ ୮୦ ପ୍ରଜାତିର ବିରଳ ମାଛ ଥିବାର ପର୍ଯ୍ୟଟକ ଦେଖିପାରିବେ।

## କ'ଣ ଦେଖିବେ

ଯେହେତୁ ଏହାକୁ ଏକ ବ୍ୟାଘ୍ର ଅଭୟାରଣ୍ୟର ମାନ୍ୟତା ମିଳିଛି, ତେଣୁ ଏଠାରେ ଅନେକ ସଂଖ୍ୟାରେ ବାଘ ଥିବାର ପର୍ଯ୍ୟଟକ ଦେଖିବାକୁ ପାଇବେ। କେବଳ ବାଘ କାହିଁକି ଏଠାରେ ଚିତାବାଘ, ଜଙ୍ଗଲି ବିଲେଇ, ଚିତ୍ରା ବିଲେଇ, ହେଟାବାଘ, ବିଲୁଆ, ଚିତ୍ରା ହରିଣ, ସମ୍ବର, ନୀଳଗାଈ, ଜଙ୍ଗଲୀ ଘୁଷୁରୀ, ନେଉଳ, ଠେକୁଆ, ନାନା ଜାତିର ମାଙ୍କଡ଼ ଇତ୍ୟାଦି ପଶୁ ତଥା ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥାନ୍ତି। ଏହାଛଡ଼ା ଉକ୍ତ ଅଭୟାରଣ୍ୟ ଭିତରେ ବିଭିନ୍ନ କିସମର ବୃକ୍ଷଲତା ତଥା ଅନେକ ଔଷଧୀୟ ବୃକ୍ଷ ଥିବାର ମଧ୍ୟ ଆଗନ୍ତୁକ ଦେଖିବାକୁ ପାଇପାରିବେ।

### ନିକଟବର୍ତ୍ତୀ ପର୍ଯ୍ୟଟନସ୍ଥଳୀ

ପିଲିଭିତ୍ ବ୍ୟାଘ୍ର ଅଭୟାରଣ୍ୟର ନିକଟବର୍ତ୍ତୀ ଅଞ୍ଚଳରେ ମଧ୍ୟ ଏକାଧିକ ପର୍ଯ୍ୟଟନସ୍ଥଳୀ ରହିଛି। ସୂଚନାନୁଯାୟୀ, ପିଲିଭିତ୍ ଜିଲାରେ ଆଖୁ ଚାଷ କୁଆଡ଼େ ଖୁବ୍ ଭଲ ହୋଇଥାଏ। ତେଣୁ ଏଠାକାର ବିଭିନ୍ନ ସ୍ଥାନରେ ଆଖୁ ବଗିଚା ଥିବାର ପର୍ଯ୍ୟଟକ ଦେଖିପାରିବେ। ତା'ଛଡ଼ା ଏଠାରେ ଏକ ଚିନି ଫ୍ୟାକ୍ଟ୍ରି ବି ରହିଛି ; ପର୍ଯ୍ୟଟକ ଚାହିଁଲେ ଏଠାକୁ ବି ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ। କେବଳ ଏତିକି ନୁହେଁ, ପିଲିଭିତ୍‌ରେ ଚୁକା ନାମକ ଏକ ବେଳାଭୂମି ବି ରହିଛି। ଏସବୁବ୍ୟତିତ ଭିରାମ୍‌ଚାରୀ ଘାଟ୍, ଗୌରୀ ଶଙ୍କର ମନ୍ଦିର, ଯଶଭନ୍ତ୍ରୀ ମନ୍ଦିର ତଥା ଅନ୍ୟ କେତେକ ଆଧ୍ୟାତ୍ମିକ ପୀଠ ବି ପିଲିଭିତ୍‌ରେ ଦେଖିବାକୁ ମିଳିଥାଏ।

### କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ଯେ କୌଣସି ସମୟରେ ଏହି ଅଭୟାରଣ୍ୟକୁ ବୁଲିଗଲେ ପର୍ଯ୍ୟଟକ ବୁଲିବାର ଭରପୂର ଆନନ୍ଦ ଉଠାଇପାରିବେ। କାରଣ ବର୍ଷା ଦିନେ ଅଭୟାରଣ୍ୟରେ ଥିବା ପଶୁପକ୍ଷୀଙ୍କୁ ନିକଟରୁ ଦେଖିବା ଏତେଟା ସମ୍ଭବ ହୋଇ ନଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ପିଲିଭିତ୍ ଜଙ୍କସନ୍ ରେଲୱେ ଷ୍ଟେଶନ ଏହାର ନିକଟତମ ରେଳଷ୍ଟେଶନ ହୋଇଥିବାବେଳେ ବରେଲି ଏୟାରପୋର୍ଟ ହେଉଛି ଏହାର ନିକଟବର୍ତ୍ତୀ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଆରାମରେ ଯାଇ ଏହି ଅଭୟାରଣ୍ୟ ନିକଟରେ ପହଁଞ୍ଚିପାରିବେ।





# ତିଳକର ମାହାତ୍ମ୍ୟ



**ହିନ୍ଦୁଧର୍ମରେ ଯେକୌଣସି ଶୁଭ କାର୍ଯ୍ୟ ତଥା ପୂଜା କରିବାବେଳେ ପ୍ରଭୁଙ୍କୁ ତିଳକ ଲଗାଯିବା ସହ ନିଜ କପାଳରେ ତିଳକ ଲଗାଇବାର ପରମ୍ପରା ଅଛି। ତେବେ ଏହି ତିଳକ ଲଗାଇବାର ମାହାତ୍ମ୍ୟ କ'ଣ ଓ କ'ଣ ରହିଛି ଏହା ପଛର କାରଣ ଜାଣନ୍ତୁ ସେ ସମ୍ପର୍କରେ...**

ତିଳକକୁ ତୃତୀୟ ନେତ୍ର ଅବା ଜ୍ଞାନଚକ୍ରର ପ୍ରତିନିଧିତ୍ୱ ଭାବେ ଗ୍ରହଣ କରାଯାଏ। ଯାହାକି ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରିଥାଏ। ବିଶ୍ୱାସ ରହିଛି ଯେ, ତିଳକ ଲଗାଇବା ଦ୍ୱାରା ବ୍ୟକ୍ତି ପରମାତ୍ମାଙ୍କ ସହ ଯୋଡ଼ି ହୋଇଯାଆନ୍ତି। ଏହା ନକାରାତ୍ମକ ଉର୍ଜାରୁ ଦୂରେଇ ରଖେ ବୋଲି ମଧ୍ୟ ବିଶ୍ୱାସ କରାଯାଏ। ସେଥିପାଇଁ ତିଳକ ଲଗାଇବା ଶୁଭ ଓ ମଙ୍ଗଳକାରୀ ମନେ କରାଯାଏ। ତିଳକ ସାଧାରଣତଃ ଚନ୍ଦନ, କୁଙ୍କୁମ, ଭସ୍ମ ଆଦିରେ ଲଗାଯାଇଥାଏ। ଆଉ ସବୁ ତିଳକର ଅଲଗା ଅଲଗା ମହତ୍ତ୍ୱ ବି ଥାଏ। ଯେମିତିକି—

**ଚନ୍ଦନ ତିଳକ:** ଚନ୍ଦନ ହିନ୍ଦୁଧର୍ମର ବହୁ ପରିଚିତ ତିଳକ । କପାଳରେ ଏହାକୁ ଲଗାଇଲେ କେବଳ ଯେ ଶୀତଳତା ମିଳେ ତାହା ନୁହେଁ ଏହା ଆଜ୍ଞା ଚକ୍ରକୁ ସକ୍ରିୟ କରାଏ। ଚନ୍ଦନ ପ୍ରଲେପ ଶୁଖିବା ପରେ ପ୍ରାର୍ଥନା ଅବା ଧ୍ୟାନ କଲାବେଳେ ଏହା କେନ୍ଦ୍ରବିନ୍ଦୁ ପାଲଟେ ଓ ଏକାଗ୍ରତା ବଢ଼ାଏ। ଏହା ମାନସିକ ଚାପ ଓ ମୁଣ୍ଡବ୍ୟଥା ଦୂରକରିବାରେ ବି ସାହାଯ୍ୟ କରିଥାଏ।

**କୁଙ୍କୁମ ତିଳକ:** କେବଳ ଯେ ଏହା ସୌନ୍ଦର୍ଯ୍ୟ ବଢ଼ାଏ ତାହା ନୁହେଁ ବରଂ ବିଭିନ୍ନ ଘାତପ୍ରତିଘାତ ସହ ଲଢ଼ିବା ପାଇଁ ଉର୍ଜା ପ୍ରଦାନ କରେ। ଏହା ଏକ ସାଇଲେଣ୍ଟ କନଫିଡେନ୍ସ ବୁଷ୍ଟର ଭାବେ କାମ କରେ। ତା'ସହ ଏକାଗ୍ରତା ବି ବଢ଼ାଏ।

**ହଳଦୀ ତିଳକ:** ଏଥିରେ ଆଣ୍ଟି ବ୍ୟାକ୍ଟେରିଆଲ ତତ୍ତ୍ୱ ରହିଛି। ଏହା ପରମ୍ପରା ଓ ସ୍ୱାସ୍ଥ୍ୟର ମିଶ୍ରଣ। ଏହା ଚର୍ମକୁ ସଫା କରିବା ସହ ମସ୍ତିଷ୍କକୁ ଶୁଦ୍ଧ କରେ ଓ ଆତ୍ମବିଶ୍ୱାସ ବଢ଼ାଏ।

ଏହା ବାଦ୍ ହିନ୍ଦୁଧର୍ମରେ ତିନି ପ୍ରକାରର ତିଳକ ଲଗାଯାଏ। ପ୍ରଥମଟି ହେଉଛି ବୈଷ୍ଣବ ତିଳକ, ଦ୍ୱିତୀୟରେ ଶୈବ ତିଳକ ଓ ଅନ୍ୟଟି ଶାକ୍ତ ତିଳକ। ଏଇ ତିନି ତିଳକ ଭିତରେ ବି ଅନେକ ସମ୍ପ୍ରଦାୟର ନିଜ ନିଜର ଅଲଗା ଅଲଗା ତିଳକ ରହିଛି। ବୈଷ୍ଣବ ତିଳକ ସେହିମାନେ ଲଗାନ୍ତି ଯେଉଁମାନେ ଭଗବାନ ବିଷ୍ଣୁଙ୍କ ଭକ୍ତ, ଶୈବ ତିଳକ ମହାଦେବଙ୍କ ଭକ୍ତ ଓ କପାଳରେ ଏକ ବିନ୍ଦି ପରି ତିଳକ ଶାକ୍ତ ତଥା ଭଗବତୀଙ୍କ ଭକ୍ତ ଲଗାଇଥାନ୍ତି।

ହିନ୍ଦୁଧର୍ମରେ ତିଳକକୁ ଗଳା, ହୃଦୟ, ଦୁଇ ବାହୁ, ନାଭି, ପିଠି ଭଳି ଶରୀର ୧୨ଟି ସ୍ଥାନରେ ଲଗାଇବାର ବିଧାନ ରହିଛି। ତେବେ କପାଳରେ ଲଗାଇବାର ମହତ୍ତ୍ୱ ଅଧିକ ବୋଲି କୁହାଯାଏ। ଆଉ ଏହି କଥାକୁ ବିଜ୍ଞାନ ବି ଗ୍ରହଣ କରେ। ଗବେଷଣା କହେ କପାଳରେ ତିଳକ ଲଗାଇଲେ ଶାନ୍ତି ମିଳିଥାଏ।

ସେହିଭଳି କପାଳରେ ଅଲଗା ଅଲଗା ଆଙ୍ଗୁଳିରେ ତିଳକ ଲଗାଇବାର ପ୍ରଭାବ ଓ ମହତ୍ତ୍ୱ ବି ଅଲଗା ଅଲଗା ହୋଇଥାଏ। ଯେମିତିକି କୌଣସି ଶୁଭ କାର୍ଯ୍ୟ ପାଇଁ ଯଦି କେହି ବାହାରକୁ ଯାଉଥାନ୍ତି ତେବେ ତାଙ୍କୁ ମଝି ଆଙ୍ଗୁଳି ବା ମଧ୍ୟମିକା ଆଙ୍ଗୁଳିରେ ତିଳକ ଲଗାଇବା ଶୁଭ ବୋଲି ବିଶ୍ୱାସ ରହିଛି। ଯଦ୍ୱାରା ସେହି କାର୍ଯ୍ୟ ଭଲରେ ସମ୍ପନ୍ନ ହୁଏ। ବିଶ୍ୱାସ ରହିଛି ଯେ ମଧ୍ୟମିକା ଆଙ୍ଗୁଳିର ଶନି ଗ୍ରହ ସହ ସମ୍ବନ୍ଧ ରହିଛି। ଆଉ ଶନି ଗ୍ରହ ସଫଳତାର ପ୍ରତୀକ ଅଟନ୍ତି।



# ସଡ଼କରେ ୟୁଏଫ୍‌ଓ !

**କୁହାଯାଏ ପୃଥିବୀ ପରି ଆହୁରି କିଛି ଗ୍ରହ ଅଛି, ଯେଉଁଠି ଜୀବନର ସତ୍ତା ରହିଛି। ଆଉ ସେମାନେ ଅନେକ ସମୟରେ ପୃଥିବୀକୁ ନିଜ ଯାନରେ ଆସନ୍ତି। ସେହି ପରଗ୍ରହର ଜୀବଙ୍କୁ ସାଧାରଣତଃ ଏଲିୟନ ଓ ସେ ଆସୁଥିବା ଯାନକୁ ୟୁଏଫ୍‌ଓ କୁହାଯାଏ। ଅନେକ ସମୟରେ ଏଲିୟନ ଓ ୟୁଏଫଓ ଦେଖାଯାଇଥିବା ଦାବି ବି କରାଯାଏ।**





ହେଲେ ଏଥିରେ କେତେ ସତ୍ୟତା ରହିଛି ତାହା ଆଜିଯାଏ ସ୍ପଷ୍ଟ ହୋଇ ପାରି ନାହିଁ। ଅଥଚ ସମସ୍ତଙ୍କ ମନରେ ୟୁଏଫ୍‌ଓ ଓ ଏଲିୟନଙ୍କୁ ନେଇ ଭୟ ଓ ଶଙ୍କା ରହିଛି। ତେବେ ଭାବିଲେ ଦେଖି ଆପଣ ରାସ୍ତାରେ ଯାଉଥିବାବେଳେ ଯଦି ଏକ ୟୁଏଫ୍‌ଓ ଦେଖନ୍ତି କେମିତି ଅନୁଭବ ହେବ ? ଆମେରିକାର ଓକ୍ଲାହୋମାରେ ଏକ ପାଟ୍ରୋଲିଂ ଟିମ୍ ସହ ଏଭଳି ଏକ ଘଟଣା ଘଟିଥିଲା। ଓକ୍ଲାହୋମା ହାଇୱେରେ ପାଟ୍ରୋଲିଂ ଟ୍ରୁପ୍‌ର ର୍‍ୟାନ ୱେନ୍‌ୱେଲେକ୍ ସବୁଦିନ ପରି ପାଟ୍ରୋଲିଂ କରିବାବେଳେ ରାସ୍ତାରେ ଦେଖିଲେ ଏକ ଅଜବ ଦୃଶ୍ୟ। ଏକ ୟୁଏଫ୍‌ଓ ହାଇୱେରେ ଗାଡି ଭଳି ଗଡ଼ି ଗଡ଼ି ଆସୁଥିଲା, ଯାହାକୁ ଦେଖି ର୍‍ୟାନ ଚକିତ ହୋଇଯାଇଥିଲେ। ତେବେ ବି ସେ ସାହସ ବାନ୍ଧି ସେହି ୟୁଏଫ୍‌ଓକୁ ଅଟକାଇ ଥିଲେ। ୟୁଏଫଓଟି ଅଟକିବା ପରେ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଯେ, ତାହା ପ୍ରକୃତରେ ଏକ ୟୁଏଫଓ ନ ଥିଲା ବରଂ ୟୁଏଫଓ ଆକାରର ଏକ ଗାଡି ଥିଲା। ସେଥିରେ ଦୁଇଜଣ ମହିଳା ବସିଥିଲେ,ଯେଉଁମାନେ କି ଏଲିୟନର ଆଖି ପରି ଚଷମା ପିନ୍ଧିଥିଲେ। ଆଉ ଏଲିୟନ ପରି ଦେଖାଯାଉଥିଲେ। ଗାଡିର ନମ୍ବର ପ୍ଲେଟ ବି ଅଜବ ଥିଲା। ବେଶ୍ ମଜାଦାର ଥିଲା ତାଙ୍କର ଏହି ଗାଡିଟି। ତା'ସହ ଫଟୋ ଉଠାଇ ର୍‍ୟାନ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଆଉ ଲେଖିଥିଲେ – 'ସବୁଦିନ ପାଟ୍ରୋଲିଂ ସମୟରେ ଏଭଳି ୟୁଏଫ୍‌ଓକୁ ଅଟକାଇବାର ସୁଯୋଗ ମିଳେନା ।' ତେବେ ପ୍ରକୃତ କଥା ହେଲା ୟୁଏଫ୍‌ଓ ଗାଡ଼ି ଭିତରେ ବସିଥିବା ଦୁଇ ମହିଳା ମେକ୍ସିକୋରେ ହେବାକୁ ଥିବା ୟୁଏଫ୍‌ଓ ଫେଷ୍ଟିଭାଲରେ ଅଂଶଗ୍ରହଣ କରିବାକୁ ଯାଉଥିଲେ।



## ଚିନ୍ମୟ ଚିନ୍ତନ

**ଶ୍ରୀ ସନ୍ନ୍ୟାସୀ ଜୀ**

# ପରିକ୍ଷିତ ଏମିତି କାହିଁକି ଭୁଲ୍ କଲେ

ଛଅବର୍ଷର ଶିଶୁଟିକୁ ଲାଗିଲାଣି ପ୍ରବଳ ଭୋକ । କ୍ରନ୍ଦନ କରି ମା'କୁ ବାରମ୍ବାର କହୁଛି – ମା, କ'ଣ ଖାଇବାକୁ ଦେ । ଠିଆ ହୋଇଛି ମା'ର ପଛପଟେ । ମା' ବସିକରି ଶିଳରେ ବିରି –ଚାଉଳ ବାଟୁଛି ପିଠା ପାଇଁ । ମା' କହୁଛି, ରହରେ ପୁଅ । ଆଉ ଆଞ୍ଜୁଳାଏ ଚାଉଳ ଅଛି । କାମଟି ସାରିଦିଏ । ଆଉ ଅଳ୍ପ ସମୟ ଲାଗିବ । ତା'ପରେ ତୋତେ ଖାଇବାକୁ ଦେବି । ମା' କଥାରେ ପୁଅର ମନ ବୁଝେନା । କେମିତି ବା ବୁଝିବ ? ପ୍ରବଳ ଭୋକ ନା । ଭୋକରୁ ସୃଷ୍ଟି ହେଲା କ୍ରୋଧ । ଶୀଘ୍ର ଖାଇବାକୁ ନ ଦେବା ରାଗରେ ଶିଶୁଟି ମା'ର ପଛ ପଟେ ରହି ମା' ଉପରେ ପରିସ୍ରା କରିଦେଲା ।

ସେଦିନ ପାରିଧିକୁ ଯାଇଥିଲେ ରାଜା ପରିକ୍ଷିତ ।

ପାଣ୍ଡବ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁ । ଅଭିମନ୍ୟୁଙ୍କ ପୁତ୍ର ପରିକ୍ଷିତ। ଧରିତ୍ରୀକୁ ନିପାଣ୍ଡବା କରିବା ଲକ୍ଷ୍ୟରେ ଦ୍ରୋଣପୁତ୍ର ଅଶ୍ୱଥାମା ପ୍ରୟୋଗ କରିଥିଲା ବ୍ରହ୍ମାସ୍ତ୍ର ଉତ୍ତରାଙ୍କ ଗର୍ଭକୁ ଲକ୍ଷ୍ୟ କରି । ସେତେବେଳେ ପରିକ୍ଷିତ ମାତା ଉତ୍ତରାଙ୍କ ଗର୍ଭରେ ଥାନ୍ତି । ବ୍ରହ୍ମାସ୍ତ୍ର କେବେ ଅକାମୀ କିମ୍ବା ଲକ୍ଷ୍ୟଭେଦରେ ବିଫଳ ହେବାର ପ୍ରମାଣ ନାହିଁ । କିନ୍ତୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ତେଜରେ ବ୍ରହ୍ମାସ୍ତ୍ର ନିସ୍ତେଜ ହୋଇଗଲା। ଉତ୍ତରାଙ୍କ ଗର୍ଭରେ ସୂକ୍ଷ୍ମରେ ପ୍ରବେଶ କରି ନିଜ ସୁଦର୍ଶନ ଚକ୍ରର ଆଡୁଆଳରେ ପରିକ୍ଷିତଙ୍କୁ ରଖି ସୁରକ୍ଷା ଦେଇଥିଲେ ପ୍ରଭୁ । ଗର୍ଭରେ ପ୍ରଭୁଙ୍କର ଦିବ୍ୟ ରୂପକୁ ସନ୍ଦର୍ଶନ କରିଥିଲେ ପରିକ୍ଷିତ । ସେ ରୂପ ଏତେ କମନୀୟ ଏବଂ ଲୋଭନୀୟ ଥିଲା ଯେ ଜନ୍ମ ହେଲା ପରେ ସେଇ ରୂପକୁ ସେ ଅନ୍ୟ ସମସ୍ତଙ୍କ ଭିତରେ ଖୋଜି ବୁଲିଲେ । ଯିଏ ସମ୍ମୁଖରେ ପଡ଼ିଲା ଶିଶୁ ପରିକ୍ଷିତ ତାଙ୍କୁ ଆଖି ତରାଟିକରି ଚାହିଁ ପରୀକ୍ଷା ନିରୀକ୍ଷା କରୁଥିଲେ ଯେ ଇଏ ସେଇ ଲୋକ ନା ନାଇଁ । ସେଥିପାଇଁ ତାଙ୍କ ନାମ ରଖାଗଲା ପରିକ୍ଷିତ । ସମ୍ମୁଖରେ ଆତ ଯାତ ବ୍ୟକ୍ତିମାନଙ୍କ ଭିଡ଼ରେ ଖୋଜୁଥିଲେ ନିଜ ମନୋବାଞ୍ଛିତ ସେହି ଦିବ୍ୟ ରୂପଧାରୀ ବ୍ୟକ୍ତିଙ୍କୁ, ଯିଏ କାଳ ବ୍ରହ୍ମାସ୍ତ୍ର କବଳରୁ ତାଙ୍କ ଜୀବନକୁ ରକ୍ଷା କରିଥିଲେ । ସେଥିପାଇଁ ଭାଗବତକାର ଲେଖିଲେ –

ସ ଏଷ ଲୋକେ ବିଖ୍ୟାତଃ ପରୀକ୍ଷିଦିତି ଯତ୍ପ୍ରଭୁଃ।
ଗର୍ଭେ ଦୃଷ୍ଟମନୁଧ୍ୟାୟନ୍ ପରୀକ୍ଷେତ ନରେଷ୍ୱିହ ।।

ସେଦିନ ଗୋଟିଏ ମୃଗ ପଛରେ ଗୋଡ଼ାଇ ଗୋଡ଼ାଇ ରାଜା ବେଶ୍ କ୍ଲାନ୍ତ ହୋଇପଡ଼ିଲେ । ତା' ସାଙ୍ଗକୁ କ୍ଷୁଧା ଓ ତୃଷା ମଧ୍ୟ ଏକା ବେଳକେ ଆକ୍ରମଣ କଲା । ପାଣି ଟୋପେ ପାଇଁ ପରିକ୍ଷିତ ଇତସ୍ତତଃ ହୋଇ ଏଣେ ତେଣେ ବୁଲିବାକୁ ଲାଗିଲେ । ଶେଷରେ ସେ ଏକ ଧ୍ୟାନସ୍ଥ ମୁନିଙ୍କ ଆଶ୍ରମକୁ ପ୍ରବେଶ କଲେ । ଜଳ ମାଗିଲେ । କିନ୍ତୁ ମୁନି ସମୀକ ନିର୍ବିକଳ୍ପ ସମାଧିରେ । ଇନ୍ଦ୍ରିୟ, ମନ, ବୁଦ୍ଧି ଓ ପ୍ରାଣ ନିରୁଦ୍ଧ ହୋଇ ଯାଇଥିବାରୁ ବାହ୍ୟ ଜ୍ଞାନ ହରାଇ ବସିଥାନ୍ତି ସେ । ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତିରୁ ଉପରକୁ ଉଠି ବ୍ରହ୍ମପଦ ତୁରୀୟ ଅବସ୍ଥାରେ ଥାନ୍ତି ସେ । ସେତେବେଳର ତାଙ୍କ ପାରିପାର୍ଶ୍ୱିକ ବାହ୍ୟ ସ୍ଥିତି ବି ତାହା ପ୍ରମାଣିତ କରୁଥିଲା । କାରଣ ମୁନିଙ୍କ ଶରୀର ଦେଖା ଯାଉ ନ ଥିଲା । ବସିଥିବା ମୃଗାସନ ସହ ତାଙ୍କ ଆଲୁଳାୟିତ ପ୍ରଲମ୍ବିତ ଜଟା ବରଗଛର ଓହଳ ପରି ତୀର୍ଯ୍ୟକ ଭାବେ ରହି ସମଗ୍ର ଶରୀରକୁ ଏପରି ଆବୃତ କରି ରଖିଥିଲା ଯେ ଜଣାପଡୁଥିଲା ମୁନି ଢେର ଦିନ ହେଲା ଧ୍ୟାନସ୍ଥ । ଯିଏ ବାହ୍ୟ ଦୁନିଆରୁ ଉନ୍ମୁକ୍ତ, ସେ ବା କିପରି ଶୁଣି ପାରିଥାନ୍ତେ ଜଳ ପାଇଁ ବାହ୍ୟ ଜୀବ ରାଜାଙ୍କର ଆକୁଳ ନିବେଦନକୁ । ଏତିକିରେ ରାଜାଙ୍କ ମନରେ ସୃଷ୍ଟି ହେଲା ଅଭିମାନ। ଆଖି ପିଛୁଳାକେ ତାହା ପରିଣତ ହେଲା କ୍ରୋଧରେ । ତା' ପରେ କ'ଣ ହୁଏ ସେ କଥା ଗୀତାରେ ଲେଖା ଅଛି। କ୍ରୋଧାତ ଭବତି ସମ୍ମୋହଃ ସମ୍ମୋହାତ ସ୍ମୃତିବିଭ୍ରମ । ସ୍ମୃତିଭ୍ରାଂଶାତ ବୁଦ୍ଧିନାଶୋ ବୁଦ୍ଧିନାଶାତ ପ୍ରଣଶ୍ୟତି । ( ୨/୬୩)

ପରିକ୍ଷିତଙ୍କ ବୁଦ୍ଧି ନାଶ ହୋଇଗଲା । ଶିଳରେ ବିରି ଚାଉଳ ବାଟୁଥିବା ମା' ପଛ ପଟେ ରହି ଅବୋଧ ଶିଶୁଟି ମା' ଉପରେ ପରିସ୍ରା କରିଦେବା ପରି ପରିକ୍ଷିତ ସେଦିନ ସେମିତି ଏକ ବିରାଟ ଘୃଣ୍ୟ କାର୍ଯ୍ୟଟିଏ କରିବସିଲେ । ଅଦୂରରେ ପଡ଼ିଥିବା ଏକ ମୃତ ସାପକୁ ଧନୁ ହୁଳରେ ଟେକି ଆଣି ଫୁଲମାଳ ପିନ୍ଧାଇବା ପରି ରାଜା ପରିକ୍ଷିତ ବ୍ରହ୍ମର୍ଷି ସମୀକ ମୁନିଙ୍କ ଉପରେ ପକାଇ ଦେଇ ନଅରକୁ ବାହୁଡ଼ି ଆସିଲେ । ପାଠକେ ! ଆମେ ଆଉ ଆଗକୁ ଯିବା ନାହିଁ । ଏଇଠି ରହି ପରିକ୍ଷିତଙ୍କ ଏ କାର୍ଯ୍ୟ କେତେ ଠିକ୍, କେତେ ଭୁଲ୍ ସେ ବାବଦରେ ଆଲୋଚନା କରିବା । ପରିକ୍ଷିତଙ୍କ ଏ କାର୍ଯ୍ୟକୁ ଆପଣମାନେ ସମସ୍ତେ ସମ୍ମିଳିତ ଭାବେ ନିନ୍ଦା କରୁଥିବେ ଏକଥା ସନ୍ନ୍ୟାସୀ ଜାଣିଛି । କେହି କେହି ଯୁକ୍ତି ବାଢ଼ି କହିବେ ଯେ ସେ ସମୟରେ କଳି ସଦ୍ୟ ପ୍ରବେଶ କରିଥାଏ ତ ତେଣୁ କଳିର ପ୍ରଭାବ ରାଜାଙ୍କ ଉପରେ ପଡିଲା । କିଏ କହି ପାରନ୍ତି ଶୋଷରେ ଆଉଟୁପାଉଟୁ ହେଲେ ଜଣେ ଏମିତି କାର୍ଯ୍ୟ କରିବା ସ୍ୱାଭାବିକ କଥା।



କିନ୍ତୁ ସାବଧାନ ! ଆପଣ ଯାହାଙ୍କ ଉପରେ ଆକଳନ କରୁଛନ୍ତି ସେ ଛୋଟିଆ ଲୋକ ନୁହନ୍ତି । ରାଜା ପରିକ୍ଷିତ ସେ। ସଂସାରର ସମସ୍ତ ମାୟାମୋହରୁ ଊର୍ଦ୍ଧ୍ୱରେ ସେ । କଳି କିଛି ବି କ୍ଷତି କରି ପାରିବ ନାହିଁ ତାଙ୍କର । ଏହାର ଏକମାତ୍ର କାରଣ ହେଉଛି ସେ ଜନ୍ମ ପୂର୍ବରୁ ଅର୍ଥାତ୍ ମାତୃ ଗର୍ଭରେ ସ୍ୱୟଂ ନାରାୟଣଙ୍କୁ ଦର୍ଶନ କରିଛନ୍ତି । ପ୍ରଭୁଙ୍କର ପରମ ଭକ୍ତ ସେ । ଜୀବନରେ ଯିଏ ଥରେ ପ୍ରଭୁଙ୍କ ଦିବ୍ୟ ରୂପକୁ ସାକ୍ଷାତ୍ ଦର୍ଶନ କରିଛି ସେ କେବେ ବି ସନ୍ଥଙ୍କୁ ଅସମ୍ମାନ କରିବା ପରି କାର୍ଯ୍ୟ କରି ନ ପାରନ୍ତି । ମାୟା, ମୋହ ବା କଳି ତାଙ୍କଠାରୁ ତଫାତ ତଫାତ ଦୂରରେ ରୁହନ୍ତି । ଏକଥା ଭଗବାନ୍ ବହୁବାର ଗୀତାରେ ହାତକାଟି ଲେଖି ଦେଇଛନ୍ତି । ଗୀତାରେ ଲେଖା ଅଛି – ଦୈବୀହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା । ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାମ ତରନ୍ତି ତେ (୭/୧୪) । ସୁବର୍ଣ୍ଣରେ ରହିବା ପାଇଁ କଳିକୁ ଅନୁମତି ଦେଇଥିବା ଯୋଗୁ ପରିକ୍ଷିତ ଧାରଣ କରିଥିବା ସ୍ୱର୍ଣ୍ଣ ମୁକୁଟ ଭିତରେ କଳି ଅବସ୍ଥାନ କରିଥିଲା ବୋଲି କୁହାଯାଇପାରେ କିନ୍ତୁ କଳି ଯେ ନିଜ ପ୍ରଭାବ ପକାଇ ପରିକ୍ଷିତଙ୍କ ବୁଦ୍ଧିକୁ ଭ୍ରଷ୍ଟ କରିଦେଲା, ଏକଥା ଆଦୌ ବିଶ୍ୱାସଯୋଗ୍ୟ ମନେ ହୁଏନା ।

ତେବେ ପରିକ୍ଷିତ କାହିଁକି ଏପରି ଛୋଟିଆ ଘୃଣ୍ୟ କାର୍ଯ୍ୟଟିଏ କଲେ ?

ତାଙ୍କ ପରି ଜଣେ ଦିବ୍ୟ ପୁରୁଷ କାହିଁକି ବ୍ରହ୍ମର୍ଷିଙ୍କୁ ଅପମାନିତ କଲେ ? କାହିଁକି... କ'ଣ ପାଇଁ ? ଏପରି କରିବା ମୂଳରେ ପରିକ୍ଷିତଙ୍କ କ'ଣ କିଛି ମହତ ଉଦ୍ଦେଶ୍ୟ ଅଛି କି ? ଯଦି ଅଛି, ତେବେ ତାହା କ'ଣ ?

ଏହାର ଅନେକ ମହତ କାରଣ ପରିକ୍ଷିତଙ୍କ ପାଖରେ ଥିଲା । ସେସବୁ ବିଷୟରେ ଗୋଟି ଗୋଟିକରି ପରେ କେବେ ଆଲୋଚନା କରିବା । କିନ୍ତୁ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ମୀମାଂସାଟି ଖୁବ୍ ସୁନ୍ଦର । ପଣ୍ଡିତ ମିଶ୍ର ଜଣେ ଅସାଧାରଣ ସାଧକ, ବାଗ୍ମୀ, ବିଶିଷ୍ଟ ଭାଷାବିତ୍, ତନ୍ତ୍ର ଓ ବାସ୍ତୁବିତ ଏବଂ ବହୁ ଶାସ୍ତ୍ରଦର୍ଶୀ । ଶ୍ରୀରାମଚରିତ ମାନସ ଉପରେ ବ୍ୟାପକ ବ୍ୟୁତ୍ପତ୍ତି ଥିବା ଡ. ମିଶ୍ର କାଶୀ, ଗଙ୍ଗା, ଗୟା, ବାରାଣସୀ ଆଦି ଭାରତ ବର୍ଷର ବିଭିନ୍ନ ସ୍ଥାନରେ ଦୀର୍ଘ ବର୍ଷ ଧରି 'ମାନସ ପ୍ରବଚନ' ପ୍ରଦାନ କରି ପ୍ରସିଦ୍ଧି ଅର୍ଜନ କରିଛନ୍ତି । ସେଦିନ ଦୂରଭାଷରେ ମାନସ ଆଲୋଚନା କାଳରେ ଖୁବ୍ ଉପାଦେୟ ସିଦ୍ଧାନ୍ତଟିଏ ପ୍ରଦାନ କଲେ, ଯାହା ଆପଣମାନଙ୍କୁ ଶୁଣାଉଛି । କଳିର ପ୍ରଭାବ ବା ତୃଷ୍ଣାକ୍ରାନ୍ତ ଯୋଗୁ ପରିକ୍ଷିତ ଯେ ଏଭଳି ଭୁଲ୍ କରିବସିଥିବେ ସେକଥାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ ସେ । ପଦ୍ମଶ୍ରୀ ପଣ୍ଡିତେଙ୍କ ମୀମାଂସା ହେଲା – ଆମ ଭାଗବତ ବାଣୀ ହେଉଛି 'ଯା ଘରୁ ଅତିଥି ବାହୁଡ଼େ, ସେ ପ୍ରାଣୀ ପ୍ରେତ ମୁଖେ ପଡ଼େ'। ସମୀକ ମୁନିଙ୍କ ଆଶ୍ରମରେ ସେଦିନ ଅତିଥି ଥିଲେ ପରିକ୍ଷିତ । ତିଥି ବାର କିମ୍ବା ଆଗୁଆ ସୂଚନା ନ ଦେଇ ଯାଇଥିବାରୁ ସେଦିନ ସେ ଅତିଥି ପଦବାଚ୍ୟ ଥିଲେ । ଅତିଥି ସତ୍କାର ସ୍ୱରୂପ ଜଳ ଟୋପେ ନ ମିଳିବାରୁ ଏତେଦିନ ଦିନ ଧରି ସାଧନା କରିଆସିଥିବା ମୁନି ଭାଗବତ ବାଣୀ ଅନୁଯାୟୀ ପ୍ରେତ ମୁଖରେ ପଡ଼ିଥାନ୍ତେ । ନିରାଶାରେ ଅତିଥି ଯଦି କୌଣସି ଗୃହରୁ ବାହୁଡ଼େ ତେବେ ଯିବା ବେଳେ ଗୃହସ୍ଥର ସମସ୍ତ ପୁଣ୍ୟ ଅତିଥିଙ୍କ ସହ ଚାଲିଯାଏ ଏବଂ ଅତିଥିଙ୍କ ସମସ୍ତ ପାପ ଗୃହସ୍ଥଙ୍କୁ ପ୍ରାପ୍ତ ହୁଏ ବୋଲି ମହାତ୍ମାଗଣ ମତ ଦେଇଛନ୍ତି । ପରିକ୍ଷିତ ଜଣେ ମହାମନା ରାଜ ପୁରୁଷ। ଏତେ ବଡ଼ ବ୍ରହ୍ମଶ୍ରୀ ମୁନିଙ୍କୁ ସେ ନିଜ ପାପତକ ଦେବାକୁ କିମ୍ବା ମୁନି ପ୍ରେତମୁଖରେ ପଡ଼ନ୍ତୁ ବୋଲି ସେ ଆଦୌ ଚାହୁଁ ନ ଥିଲେ । ମୁନିଙ୍କ ଅଧୋପତନର କାରଣ ସେ ନିଜେ ନ ହୁଅନ୍ତୁ ଭାବି ନିଜ ଆଡୁ ଭୁଲ୍ ଟିଏ କରିବାକୁ ଯାଇ ସେ ମୃତ ସର୍ପକୁ ମୁନିଙ୍କ ସମାଧିସ୍ଥ ଶରୀରରେ ପକାଇ ଦେଇଥିଲେ। ସନ୍ଥ କବି ଭୀମ ଭୋଇଙ୍କ ଭାଷାରେ ନିଜ ଜୀବନ ପଛେ ନର୍କରେ ପଡୁ ଅଭିଶପ୍ତ ହେଉ କିନ୍ତୁ ମୁନିଙ୍କର କିଛି କ୍ଷତି ନ ହେଉ ଏବଂ ଜଗତବାସୀ କାଳ କାଳକୁ 'ଶ୍ରୀମଦ୍ ଭାଗବତ' ପରି କଳିକଳୁଷହାରିଣୀ ମୋକ୍ଷ ପ୍ରଦାୟିନୀ ଦୁର୍ଲଭ ପୁସ୍ତକକୁ ପ୍ରାପ୍ତ ହୁଅନ୍ତୁ – ଏହା ହିଁ ପରିକ୍ଷିତଙ୍କର ଭାବନା ଥିଲା । ଯଦି ସେ ମୃତ ସର୍ପକୁ ପକାଇ ନ ଥାନ୍ତେ ତେବେ ସମୀକ ମୁନିଙ୍କ ପୁତ୍ର ଶୃଙ୍ଗୀ ଦ୍ୱାରା ଅଭିଶପ୍ତ ହୋଇ ନ ଥାନ୍ତେ କି ଗଙ୍ଗା କୂଳରେ ଶୁକ ମୁନିଙ୍କ ଦ୍ୱାରା ଭାଗବତ ଶ୍ରବଣ କରି ନ ଥାନ୍ତେ । ଏତିକିରେ କୁହନ୍ତୁ ଆମେ ଆଉ 'ଭାଗବତ' ପରି ଶାସ୍ତ୍ରକୁ ପାଇ ପାରିଥାନ୍ତେ କି ବୋଲି ପ୍ରଶ୍ନ କରନ୍ତି ପଦ୍ମଶ୍ରୀ ମିଶ୍ର ମହୋଦୟ ।

ପରିକ୍ଷିତଙ୍କ ମହତ ଭାବନାର ଖିଅ ଆଉ କ'ଣ କ'ଣ ଥାଇପାରେ ପାଠକେ ! ଆପଣମାନେ ଟିକେ ଟିକେ ଚିନ୍ତା କରିବା ହୁଅନ୍ତୁ । ପୁଣି କେବେ ଏ ଆଲୋଚନା ଭିତରକୁ ଆମେ ପ୍ରବେଶ କରିବା ।

*– ପ୍ରିନ୍ସିପାଲ, ଆପେକ୍ସ ଆଇଟିଆଇ, ପତ୍ରକଣା, କସର୍ଦା, କଟକ*
*ମୋ:୯୪୩୭୨୯୨୬୯୯*


## ପୁସ୍ତକ ସମୀକ୍ଷା

### ନାଟ୍ୟଶାଳାର ନଟ

**ନଟବର ସେଣ, ଲମ୍ବୋଦରପୁର, ବାଲୁଗାଁ ଖୋର୍ଦ୍ଧା**

**ପ୍ରକାଶକ– ରଜନୀକାନ୍ତ ସେଣ, ପ୍ରଥମ ପ୍ରକାଶନ–୨୦୨୪, ମୁଦ୍ରକର ଆଦିକନ୍ଦ ରାଉତ, ଶୀତଳେଶ୍ୱରୀ ପ୍ରିଣ୍ଟର୍ସ, ମଧୁପାଟଣା, କଟକ–୧୦, ମୂଲ୍ୟ– ୧୨୦ଟଙ୍କା**

ନିପଟ ଗାଉଁଲି ମୁଲକର ଜଣେ ଯଶସ୍ୱୀ କଳାକାର। ତାଙ୍କର ଜୀବନବ୍ୟାପୀ ସାଧନାର ଅସାଧାରଣ ପ୍ରତିଭାଙ୍କୁ ନେଇ 'ନାଟ୍ୟଶାଳାର ନଟ' ପୁସ୍ତକ ରଚିତ। ଏହି ପୁସ୍ତକରେ ରହିଛି ଲେଖକଙ୍କ ନିଜସ୍ୱ ଅନୁଭୂତି। ସେତେବେଳର ଗ୍ରାମ୍ୟ ଜୀବନରେ ନାଟକର ପ୍ରଭାବ, କଳାକାରଙ୍କ ଜୀବନର ବିଭିନ୍ନ ସଂଘର୍ଷମୟ କଥା, ନାନା କଟକଣା, ନାଟ୍ୟଜଗତର ବହୁ ବାଧାବିଘ୍ନର ଘଟଣା। ମଞ୍ଚସଜା, କଳାକାରଙ୍କ ବେଶପରିପାଟି, ଅଭିନୟ, ଗୀତ, ନାଟକଲେଖା, ନାଟ୍ୟ ନିର୍ଦ୍ଦେଶନା, ରିହରସେଲ, ନାଟ୍ୟଶିକ୍ଷା, ସିନ୍‌ସିନେରି, ପେଟ୍ରୋମାକ୍ସ ଆଲୁଅଠାରୁ ବିଦ୍ୟୁତ୍ ଆଲୁଅରେ ପରିବେଷଣ ହୋଇଥିବା ବିଭିନ୍ନ ମଞ୍ଚର ପ୍ରସଙ୍ଗ, ପାଠପଢ଼ା, ନାରୀଶିକ୍ଷା, ଖାଦ୍ୟପେୟ, ଭ୍ରମଣ, ନିଯୁକ୍ତ କଳାକାରଙ୍କ ପାଉଣା, ନାଟ୍ୟ ଅନୁଷ୍ଠାନର ପୃଷ୍ଠପୋଷକତା ପାଇଁ କିପରି ଥିଲା ନୀତିନିୟମ। ପୁଣି ଥିଏଟରରୁ ସିନେମାକୁ ଯାଇଥିବା ଏକାଧିକ କଳାକାରଙ୍କ ସମ୍ପର୍କରେ କିଛି ସୂଚନା ରହିଛି। ଦେଶ ସ୍ୱାଧୀନତା ପୂର୍ବରୁ ଓ ସ୍ୱାଧୀନତାର ପରବର୍ତ୍ତୀ ସମୟରେ, ଓଡ଼ିଶାରେ ଗଢ଼ିଉଠିଥିବା ଅନ୍ନପୂର୍ଣ୍ଣା ଥିଏଟର ପ୍ରତିଷ୍ଠାତାଙ୍କ ସମେତ ଆଉ କେତୋଟି ଥିଏଟର ପ୍ରତିଷ୍ଠାତାଙ୍କ ସମ୍ପର୍କରେ ବହୁ ମଜାକଥା ରହିଛି। ଏହି ପୁସ୍ତକଟି ପ୍ରକାଶନ ପାଇଁ ଥିଏଟର ଜଗତର ରବି ନନ୍ଦ ଏବଂ ଶିକ୍ଷକ ଗୋପୀନାଥ ଦାଶଙ୍କ ଉଦ୍ୟମ ପ୍ରଶଂସନୀୟ। ତେବେ ପୁସ୍ତକଟି ନାଟ୍ୟପ୍ରେମୀ, ଆଲୋଚକ, ଗବେଷକ ସର୍ବୋପରି ପାଠକଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ।





### କବିତା ମାନଚିତ୍ର

**ପ୍ରଫେସର ଡ଼ଃ ଶିବଚରଣ ନାୟକ, ପ୍ରକାଶକ– ପକ୍ଷୀଘର ପ୍ରକାଶନୀ**

**୩୨, ମଧୁସୂଦନ ନଗର, ଭୁବନେଶ୍ୱର–୧, ମୂଲ୍ୟ– ୧୫୦ଟଙ୍କା**

କବିତା ମାନଚିତ୍ରରେ ପ୍ରଥମରୁ ଷଷ୍ଠ ଅଧ୍ୟାୟ ପର୍ଯ୍ୟନ୍ତ ରହିଛି। ଏଥିରେ ୩୦ଟି ମୂଲ୍ୟବାନ ବିଷୟବସ୍ତୁକୁ ପ୍ରଫେସର ଶିବଚରଣ ନାୟକ ଚୟନ କରି କବିତା ଆକାରରେ ପ୍ରକାଶ କରିଛନ୍ତି। ପ୍ରଥମ ଅଧ୍ୟାୟରେ ଜନ୍ମ ପୂର୍ବର କବିତା ରହିଛି । ସେଥିରେ ଗର୍ଭରୁ ବିଶ୍ୱକୁ ଆସିବା ପୂର୍ବରୁ ଛୁଆ ଓ ମା'ଙ୍କ ମଧ୍ୟରେ ଆଲୋଚନା ହୋଇଛି। ଦ୍ୱିତୀୟ ଅଧ୍ୟାୟରେ ବ୍ୟାଲ୍ୟାବସ୍ଥାରୁ ଶାନ୍ତି ଓ ସୁସ୍ଥରେ ରହିବା ପାଇଁ ୮ ଟି କବିତା ମାଧ୍ୟମରେ ଉପଦେଶ ଦିଆ ହୋଇଛି। ତୃତୀୟ ଅଧ୍ୟାୟରେ ବିବାହ ସମୟରେ ପ୍ରଥା ଓ ପ୍ରତିଜ୍ଞା ବିଷୟରେ ୫ଟି କବିତା ରହିଛି। ଚତୁର୍ଥ ଅଧ୍ୟାୟରେ ୭ଟି କବିତା ମାଧ୍ୟମରେ ସୁସ୍ଥ ଶାନ୍ତି ସହ ଦୀର୍ଘାୟୁ ହେବାର ଉଲ୍ଲେଖ ରହିଛି। ପଞ୍ଚମରେ ବିଶ୍ୱର ବିଭିନ୍ନ ସ୍ତରର ୮ ରତ୍ନ ଆମ ରାଷ୍ଟ୍ରପତି, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ଜାତୀୟ କବି ବୀରକିଶୋର, ଶାସ୍ତ୍ରିଜୀ, ନେଲ୍‌ସନ ମାଣ୍ଡେଲା, ରତନ ଟାଟା ଓ ପ୍ରଧାନମନ୍ତ୍ରୀଙ୍କ ଗୁଣ, ତ୍ୟାଗ ଓ ବ୍ୟକ୍ତିତ୍ୱ କବିତା ମାଧ୍ୟମରେ ବୁଝାଇ ସେମାନଙ୍କୁ ଅନୁକରଣ କରିବାକୁ ଉପଦେଶ ଦିଆଯାଇଛି। ଶେଷ ବା ଷଷ୍ଠ ଅଧ୍ୟାୟରେ ମୃତ୍ୟୁ ପୂର୍ବର କବିତାଟି ଅଛି । ମୃତ୍ୟୁ ସୁନିଶ୍ଚିତ । ଈଶ୍ୱରଙ୍କ ବିଧି ମାନି ମନୁଷ୍ୟ ଜୀବନଯାପନ କଲେ ସେ ଦୀର୍ଘାୟୁ ହୁଏ ବୋଲି ତାହା ବୁଝାଯାଇଛି । ପୁସ୍ତକରେ ପ୍ରକାଶିତ ସମସ୍ତ କବିତା ଉଚ୍ଚକୋଟିର ଓ ସୁଖପାଠ୍ୟ ।




# ଇମୋଶନାଲ ରୋବୋ

ଆଜିକାଲି ରୋବୋଟିକ୍ ସାଇନ୍ସ ବହୁତ ଡେଭ୍‌ଲପ କଲାଣି । ମଣିଷଠୁ ଆରମ୍ଭ କରି ପ୍ରାଣୀଙ୍କର ବି ରୋବୋ ତିଆରି ହେଉଛି । ଆଉ ଏହି ରୋବୋ ବିଭିନ୍ନ ପ୍ରକାରର କାମ କରିବାରେ ବେଶ୍ ସକ୍ଷମ । ଯଦ୍ଵାରା ମଣିଷର କାମ ଅନେକାଂଶରେ ସହଜ ହୋଇଯାଉଛି । ହେଲେ ରୋବୋ ମଧ୍ୟରେ ଗୋଟିଏ ଅଭାବ ଥିଲା, ତାହା ହେଉଛି ସେମାନଙ୍କ ଭିତରେ ଭାବପ୍ରବଣତାର ଅଭାବ । ସେମାନେ ମଣିଷ ପରି ସମ୍ବେଦନଶୀଳ ନ ଥିଲେ କି ସେମାନଙ୍କ ଭିତରେ କୌଣସି ଭାବ ନ ଥାଏ । ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏବେ ଏମିତି ଏକ ରୋବୋ ଆସିଛି ଯାହା ମଣିଷଠୁ କିଛି କମ୍ ନୁହେଁ। କାରଣ ଏହି ରୋବୋର ଅଛି ବିଭିନ୍ନ ଭାବକୁ ଅନୁଭବ କରିବା ଓ ତାକୁ ପରିପ୍ରକାଶ କରିବାର ଶକ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର ଦ୍ଵାରା ଉକ୍ତ ରୋବୋ ଅନେକାଂଶରେ ମଣିଷ ପରି ହୋଇପାରିଛି। ଉକ୍ତ ରୋବୋର ନାଁ ହେଉଛି ଗୁଆଙ୍ଘୁ ନଂ ୧ । ଏହି ରୋବୋ ମଣିଷର ଭାବକୁ ବୁଝି ସେହି ଅନୁସାରେ ପ୍ରତିକ୍ରିୟା ଦେଇପାରେ। ଅର୍ଥାତ୍ ଏହା ମଣିଷର ଦୁଃଖ ସୁଖର ସାଥୀ ହୋଇପାରିବ। ୱାର୍ଲ୍ଡ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କନଫରେନ୍ସରେ ଏହି ରୋବୋକୁ ପ୍ରଦର୍ଶିତ କରାଯାଇଥିଲା। ଫୁଦାନ ବିଶ୍ୱବିଦ୍ୟାଳୟ ତିଆରି କରିଥିବା ଏହି ରୋବୋ ଖାସ୍ କରି ବୟସ୍କ ବ୍ୟକ୍ତିଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ। ଏହା ସେମାନଙ୍କ ସୁଖଦୁଃଖର ସାଥୀ ହେବା ସହ ବିଭିନ୍ନ ସେବା ଯୋଗାଇପାରିବ।



ବ୍ୟାକ୍ ପେଜ୍








# ମୂଷାଙ୍କ ଦୁନିଆ

ଫଟୋଗ୍ରାଫର୍ ସିମୋନ୍ ଡେଲ୍ ଦିନେ ନିଜ ବଗିଚାକୁ ପକ୍ଷୀମାନଙ୍କର ଫଟୋ ଉଠାଇବାକୁ ଆସିଥାଆନ୍ତି। ଏତିକିବେଳେ ତାଙ୍କର ନଜର ପଡ଼ିଲା ଏକ ସୁନ୍ଦର ମୂଷା ପରିବାର ଉପରେ। ଯେଉଁମାନେ ନେଉଳ ଭଳି ପଛ ଦୁଇଗୋଡ଼ରେ ଠିଆହୋଇ ଚାରିଆଡେ ବୁଲି ଦେଖୁଥିଲେ। ଏହି ଦୃଶ୍ୟ ତାଙ୍କ ମନକୁ ବେଶ୍ ଛୁଇଁଥିଲା। ଆଉ ସେହି ମୂଷା ପରିବାରକୁ ସୁରକ୍ଷା ଦେବା ଲାଗି ଘର ତିଆରି କରିବାକୁ ଚାହିଁଲେ। ପ୍ରଥମେ ଛୋଟ ଛୋଟ କାଠକୁ ନେଇ ଏକ ଘର କରି ତା'ଉପରେ ଘାସ ପକାଇ ସଜାଇଲେ। ଏହା ଚାରିପଟେ ତାରବାଡ଼ ଘେରା ତିଆରି କଲେ। ଯେମିତିକି ବିଲେଇ ତାହା ମଧ୍ୟକୁ ଯାଇପାରିବ ନାହିଁ। ସେହି ଛୋଟ ଘରେ ଖାଦ୍ୟର ବ୍ୟବସ୍ଥା ବି କଲେ। କିଛିଦିନ ପରେ ସିମୋନ୍ ଦେଖିଲେ ଆଉ ଅଧିକ ମୂଷା ଉକ୍ତ ଘରେ ଅଛନ୍ତି। ତେଣୁ ମୂଷାଙ୍କ ପାଇଁ ସେ ଆହୁରି ଅଧିକ ଘର ତିଆରି କଲେ। ସେସବୁ ଘର ଥିଲା ବେଶ୍ ଆକର୍ଷକ। ଦିନକୁ ଦିନ ମୂଷା ସଂଖ୍ୟା ବଢ଼ିଲା ଓ ତା' ଅନୁସାରେ ସେ ବିଭିନ୍ନ ପ୍ରକାରର ସାମଗ୍ରୀ ବ୍ୟବହାର କରି ଘର ତିଆରି କରିବାକୁ ଲାଗିଲେ। ତା'ସହ ବିଭିନ୍ନ ଆସବାବପତ୍ର ତିଆରି କଲେ। ଏମିତି ଦେଖୁ ଦେଖୁ ମୂଷାଙ୍କର ଏକ ଭିନ୍ନ ଦୁନିଆ ତିଆରି ହୋଇଗଲା। ସେ ନିଜ ଫଟୋଗ୍ରାଫିର ସଉକ ଏଇ ସୁନ୍ଦର ଦୁନିଆ ଭିତରେ ପୂରଣ କଲେ। ସେହି ଘରଗୁଡ଼ିକରେ ଥିବା ମୂଷାଙ୍କର ବିଭିନ୍ନ ପୋଜ୍‌ର ଖୁବ୍ ସୁନ୍ଦର ସୁନ୍ଦର ଫଟୋ ଯେମିତିକି ମୂଷା ଡାଇନିଂ ଟେବୁଲରେ ଖାଉଥିବା, ମଣିଷ ଭଳି ବିଭିନ୍ନ କାମ କରୁଥିବାର ଫଟୋ ଉଠାଇଲେ। ତାଙ୍କର ସେହି ଫଟୋଗୁଡ଼ିକ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚିତ ବି ହେଲା।

# ସବୁଠୁ ବେଶି କ୍ଲୋନ ହୋଇଥିବା କୁକୁର

ପୁଏର୍ତ୍ତୋରିକୋର ମିରାକଲ୍ ମିଲି ହେଉଛି ୬ ବର୍ଷର ଚିହୁଆହୁଆ ପ୍ରଜାତିର କୁକୁର, ଯିଏକି ପୃଥିବୀର ସବୁଠୁ ଛୋଟ କୁକୁର ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ମିଲି ଆଉ ଏକ ରେକର୍ଡ ପାଇଁ ମଧ୍ୟ ବେଶ୍ ଚର୍ଚ୍ଚିତ। ତାହା ହେଉଛି ମିଲିର ତିଆରି କରାଯାଇଛି ଗୋଟିଏ କି ଦୁଇଟି ନୁହେଁ ବରଂ ୪୯ଟି କ୍ଲୋନ୍। ସବୁଠୁ ଅଧିକ ସଂଖ୍ୟାରେ କ୍ଲୋନ୍ ହୋଇଥିବା କୁକୁର ଭାବେ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଦକ୍ଷିଣ କୋରିଆ, ସିଓଲର ବିବାଦୀୟ ସୁଆମ୍ ବାୟୋଟେକ୍ ରିସର୍ଚ୍ଚ ଫାଉଣ୍ଡେଶନ୍ ୨୦୦୬ରୁ ପୋଷା ଜୀବଜନ୍ତୁଙ୍କର କ୍ଲୋନ୍ କରିଆସିଛି। ଏଠାକାର ବୈଜ୍ଞାନିକମାନେ ହିଁ ମିରାକଲ୍ ମିଲିର ଏତେ ସଂଖ୍ୟକ କ୍ଲୋନ୍ ତିଆରି କରିଛନ୍ତି। ସେମାନେ ଜାଣିବାକୁ ଚହୁଁଥିଲେ ଯେ, ଏହି କୁକୁରଟି କେଉଁ କାରଣରୁ ଏତେ ଛୋଟ ଆକାରର ହୋଇଛି। ତା' ମଧ୍ୟରେ କ'ଣ ସବୁ ଜିନ୍‌ଗତ ରହସ୍ୟ ରହିଛି। ତେଣୁ ୨୦୧୭ ଅଗଷ୍ଟରେ ସେମାନେ ମିରାକଲ୍ ମିଲି ଉପରେ ଗବେଷଣା କରିବା ପାଇଁ ତା'ର ମାଲିକଙ୍କୁ ଅନୁରୋଧ କରିଥିଲେ। ଏହାପରଠୁ ସେମାନେ ମିରାକଲ୍ ମିଲିର କ୍ଲୋନ କରିବା ଆରମ୍ଭ କଲେ। ଏବେ ତାହାର ସଂଖ୍ୟା ୪୯ରେ ପହଞ୍ଚିଲାଣି। ସବୁ କ୍ଲୋନ କୁକୁରଗୁଡିକ ଦେଖିବାକୁ ଏକାପରି। ହେଲେ ଆକାରରେ ଟିକେ ଫରକ ରହିଛି। କିଛି କ୍ଲୋନ୍ କୁକୁର ମିରକଲ୍ ମିଲିଠୁ ସାମାନ୍ୟ ବଡ଼ ଆକାରର ବି ହୋଇଛନ୍ତି।

